


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 AUGUST 2020

Vol.No. 30 ■ No. 218■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


## ଜେଇଇ ମେନ୍ ପରୀକ୍ଷା: ରାଜ୍ୟ ସରକାର ନେବେ ପରୀକ୍ଷାର୍ଥୀଙ୍କର ପରିବହନ ଓ ରହିବା ଦାୟିତ୍ୱ



ଭୁବନେଶ୍ୱର,୨୮।୮ (ନି.ପ୍ର): ଜେଇଇ ମେନ ପରୀକ୍ଷାରେ ପରୀକ୍ଷାର୍ଥୀ ମାନଙ୍କର ପରିବହନ ଓ ରହିବା ଦାୟିତ୍ୱ ରାଜ୍ୟ ସରକାର ନେବେ । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଯୁଗ୍ମ ପରୀକ୍ଷା ପ୍ରବେଶିକା (ଜେଇଇ) ମେନ୍ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୩୭ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଓଡ଼ିଶାର ୭ଟି ସହରରେ ପ୍ରାୟ ୨୬୦୦ କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ଶ୍ରୀ ତ୍ରିପାଠୀ କହିଛନ୍ତି, ପିଲାମାନଙ୍କର ଜିଲ୍ଲା ମୁଖ୍ୟାଳୟ ଠାରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଓ ପରୀକ୍ଷା କେନ୍ଦ୍ରରୁ ଗୃହ ଜିଲ୍ଲା ପର୍ଯ୍ୟନ୍ତ ରାଜ୍ୟ ସରକାର ପରିବହନ ବ୍ୟବସ୍ଥା କରିବେ। କେବଳ ଛାତ୍ରଛାତ୍ରୀ ନିଜର ଆଡମିଟ କାର୍ଡ ଦେଖାଇଲେ ମାଗଣାରେ ପରିବହନର ସୁବିଧା ନେଇପାରିବେ। ପରୀକ୍ଷା କେନ୍ଦ୍ରରେ ପିଲାମାନେ ରହିବାର ଆବଶ୍ୟକତା କରୁଥିଲେ ଏଥି ପାଇଁ ସରକାରଙ୍କ ତରଫରୁ କରାଯାଇଥିବା ନୋଡାଲ ସେଂଟର ବ୍ୟବସ୍ଥା କରିବ ବୋଲି ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କିଛି ପ୍ରାର୍ଥୀ ନିଜର ରହିବା ଓ ପରିବହନ ପାଇଁ ଚିନ୍ତା କରିଥିବେ। ଯାହାର ପରିବାହନ ଓ ରହିବା ଦରକାର ଅଛି, ତାଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦେବେ। ଯେଉଁମାନେ ନିଜର ଯାତାୟାତ ଓ ରହିବା ବ୍ୟବସ୍ଥା କରିନାହାନ୍ତି, ସେମାନଙ୍କ ପାଇଁ ସରକାର ବ୍ୟବସ୍ଥା କରିବେ। ପରୀକ୍ଷା କେନ୍ଦ୍ରରେ ପହଂଚିବା ପାଇଁ ପ୍ରାର୍ଥୀଙ୍କୁ ଯେପରି ଅସୁବିଧା ନ ହେବ, ସେଥିପାଇଁ ପ୍ରଶାସନ ଓ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ରଛାତ୍ରୀଙ୍କୁ ଯେପରି ଅସୁବିଧା ନହୁଏ, ସେଥିପାଇଁ ସୁବ୍ୟବସ୍ଥା କରାଯାଉଛି। ଶ୍ରୀ ତ୍ରିପାଠୀ କହିଛନ୍ତି, ୩୭ ହଜାରରରୁ ୧୬ରୁ ୧୭ ହଜାର ପ୍ରାର୍ଥୀ ଭୁବନେଶ୍ୱର ଓ କଟକରେ ପରୀକ୍ଷା ଦେବେ। ଜେଇଇ ପରୀକ୍ଷା ନେଇ ଜିଲ୍ଲା ପ୍ରଶାସନ, ପୁଲିସ ଓ ପରିବହନ କମିସନଙ୍କୁ କୁହାଯାଇଥିବା ସେ କହିଛନ୍ତି । । ପରୀକ୍ଷା କେନ୍ଦ୍ରକୁ ପହଂଚିବା ପରେ ପିଲାମାନଙ୍କୁ ପହଂଚାଇବାର ଦାୟିତ୍ୱ ପ୍ରଶାସନ ନେବ। ସରକାରଙ୍କ ତରଫରୁ ପର୍ଯ୍ୟାପ୍ତ ପରିମାଣରେ ବସ ଯୋଗାଇ ଦିଆଯିବ। ପିଲାମାନଙ୍କୁ ବସ ଭଡ଼ା ଦେବାକୁ ପଡ଼ିବ ନାହିଁ। ନିଟ ପରୀକ୍ଷା ପାଇଁ ମଧ ଏଭଳି ବ୍ୟବସ୍ଥା କରାଯାଇଛି।

## ରାଜ୍ୟରେ ଆଉ ୮ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୫୬ ହେଲା



ଭୁବନେଶ୍ୱର, ୨୮ ଅଗଷ୍ଟ – ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୫୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାରୁ ୨-୨ ଜଣ ଥିବା ବେଳେ ବରଗଡ, ବଲାଙ୍ଗୀର, ଭଦ୍ରକ ଓ ରାୟଗଡାରୁ ଜଣେ – ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ଜଣେ ୬୧ ବର୍ଷୀୟା କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ରୋଗରେ ପୀଡିତ ଥିଲେ। ସେହିପରି ଭଦ୍ରକ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ।

ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । ବଲାଙ୍ଗୀର ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୩୬୮୨ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୯୪୬୬୮କୁ ବୃଦ୍ଧି

ଭୁବନେଶ୍ୱର,୨୮।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୪୬୬୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୫୩୨୩ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୮୮୩୬ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୮୨ ଜଣଙ୍କ ମଧ୍ୟରୁ ୨୨୪୧ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୪୪୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୫୮୭ ନୂଆ ମାମଲା ସାମନାକୁ ଆସିଛି । ରାୟଗଡା ଜିଲ୍ଲାରେ ୪୯୫ ତଥା ଗଂଜାମ ଜିଲ୍ଲାରେ ୧୭୪ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୫୬ , ବାଲେଶ୍ୱର ଜିଲ୍ଲାରେ ୮୭ ଜଣ, ବରଗଡ ଜିଲ୍ଲାରେ ୧୫୨, ଭଦ୍ରକ ଜିଲ୍ଲାରେ ୫୧, ବଲାଙ୍ଗିର ଜିଲ୍ଲାରେ ୬୮ .ବୌଦ୍ଧ ଜିଲ୍ଲାରେ ୧୪, କଟକ ଜିଲ୍ଲାରେ ୩୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୨, ଢେଙ୍କାନାଳ ଜିଲ୍ଲାରେ ୬୧, ଗଜପତି ଜିଲ୍ଲାରେ ୪୮, ଜଗତସିଂହପୁର ଜିଲ୍ଲାରେ ୪୪, ଯାଜପୁର ଜିଲ୍ଲାରେ ୮୮. ଝାରସୁଗୁଡା ଜିଲ୍ଲାରେ ୪୩, କଳାହାଣ୍ଡି ଜିଲ୍ଲାରେ ୪୧. କନ୍ଧମାଳ ଜିଲ୍ଲାରେ ୩୬, କେନ୍ଦ୍ରାପଡା ଜିଲ୍ଲାରେ ୪୪ ,କେନ୍ଦୁଝର ଜିଲ୍ଲାରେ ୫୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୪୦ ଜଣ, ମାଲକାନଗିରି ଜିଲ୍ଲାରେ ୮୬ , ମୟୁରଭଂଜ ଜିଲ୍ଲାରେ ୨୭୨, ନବରଙ୍ଗପୁରରେ ୩୮, ନୟାଗଡ ଜିଲ୍ଲାରେ ୧୦୯ , ନୂଆପଡା ଜିଲ୍ଲାରେ ୨୩, ପୁରୀ ଜିଲ୍ଲାରେ ୧୧୫, ରାୟଗଡା ଜିଲ୍ଲାରେ ୪୯୫, ସମ୍ବଲପୁର ଜିଲ୍ଲାରେ ୧୨୮ ,ସୋନପୁର ଜିଲ୍ଲାରେ ୨୭ ତଥା ସୁନ୍ଦରଗଡ ଜିଲ୍ଲାରେ ୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ମୋଦି ସରକାର ୨.୦ର ପ୍ରଥମ ବର୍ଷର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ଦଶନ୍ଧି ଦଶନ୍ଧିର ପ୍ରତିଶ୍ରୁତିକୁ ପୂରଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦଶନ୍ଧି ଦଶନ୍ଧି ଧରି ବିଚାରଧୀନ ଥିବା ଅନେକ ପ୍ରତିଶ୍ରୁତିକୁ ପୂରଣ କରାଯାଉଛି ଏବଂ ଏହା ହିଁ ନୂଆ ଭାରତକୁ ନିର୍ମାଣ କରାଯିବାର ପ୍ରମାଣ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାର ୨.୦ର ପ୍ରଥମ ବର୍ଷର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳ ଯଦି ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ, ଗରିବଙ୍କ ସମ୍ମାନରେ ବୃଦ୍ଧି ଏବଂ ଜୀବନଶୈଳିରେ ଉନ୍ନତି ଆଣିବା ଦିଗରେ ଥିଲା ତେବେ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ଐତିହାସିକ ଓ ସାହସିକ ନିଷ୍ପତି ଏବଂ ଭାରତୀୟଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ଦର୍ଶାଉଛି। ମୋଦି ସରକାର ୨.୦ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ସଫଳତାର ଉପଲବ୍ଧି । ଅଯୋଧ୍ୟା ଉପରେ ଐତିହାସିକ ରାୟ ବୃହତ ରାମ ମନ୍ଦିର ନିର୍ମାଣର ମାର୍ଗକୁ ପ୍ରଶସ୍ତ କରିଛି ତଥା ସଂସଦର ସର୍ବତୋମ ପ୍ରଦର୍ଶନ ନୂଆ ମାନଦଣ୍ଡ ସୃଷ୍ଟି କରିଛି। ସେହିପରି ଧାରା ୩୭୦ ଉଚ୍ଛେଦ ଭାରତକୁ ଏକାଠି କରିବା ସହ 'ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ'ର ସ୍ୱପ୍ନକୁ ପୂରଣ କରିଛି । ନାଗରିକତା ସଂଶୋଧନ ଆଇନ(ସିଏଏ)ର ସଂଶୋଧନ ଦ୍ୱାରା ବିଭିନ୍ନ ବର୍ଗ ଏବଂ ସଂସ୍କୃତିର ଲୋକଙ୍କୁ ଆପଣାଇବା ଭାରତର ପୁରୁଣା ପରମ୍ପରାର ଅଭିବ୍ୟକ୍ତିକୁ ଦର୍ଶାଉଛି । ମହିଳାଙ୍କ ସମ୍ମାନ ଏବଂ ସମାନତାକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟାବର୍ତନ ଆଇନ୍ ବ୍ୟବସ୍ଥାକୁ ପ୍ରତ୍ୟାହାର ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୮୮୪୦ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୮।୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୮୮୪୦ କରୋନା ପରୀକ୍ଷଣ ହୋଇଛି । ଏଥି ମଧ୍ୟରୁ ଆରଟି-ପିସିଆର ୮୬୮୦, ଆଂଟିଜେନ ୫୦୦୨୩ ତଥା ଟ୍ରୁନାଟ ୧୩୭ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୧୬୧୨୦୯୭ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଝାରସୁଗୁଡାରେ ଆଗାମୀ ୩୦ରୁ ସାତ ଦିନିଆ ଶଟ ଡାଉନ

ଭୁବନେଶ୍ୱର,୨୮।୮ (ନି.ପ୍ର): ଝାରସୁଗୁଡ଼ାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବଢୁଥିବାରୁ ଜିଲ୍ଲା ପ୍ରଶାସନ ଝାରସୁଗୁଡ଼ା ମୁନିସପାଲିଟି ଅଂଚଳରେ ୭ ଦିନ ପାଇଁ ସଟଡାଉନ ଘୋଷଣା କରିଛି । ପ୍ରଶାସନ ପକ୍ଷରୁ କୁହା ଯାଇଛି ଯେ ଏହି ସଟଡାଉନ ଆସନ୍ତା ୩୦ ତାରିଖରୁ ଆରମ୍ଭ ହୋଇ ସେପଟ୍ଟେମ୍ବର ୫ ପର୍ଯ୍ୟନ୍ତ ବଳବତର ରହିବ । ତେବେ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ପାଇଁ ସକାଳ ୬ଟାରୁ ୧୧ଟା ଯାଏ ସଟଡାଉନକୁ କୋହଳ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହା ଯାଇଛି ।

## ଆସନ୍ତା ସେପ୍ଟେମ୍ବର ୫ରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୮।୮ (ନି.ପ୍ର): ରାଜ୍ୟର ସଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଗତ କାଲି ବିଜେପି ରାଜ୍ୟ ପଦାଧିକାରୀମାନଙ୍କ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରବାସୀ ଶ୍ରମିକ ସମସ୍ୟା, ବିଭିନ୍ନ ଦୁର୍ନୀତି, ସାଂପ୍ରତିକ ବନ୍ୟା ପରିସ୍ଥିତି, କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଆଦି ସଂପର୍କରେ ଏହି ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି । ଆଗାମୀ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ । ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାଏକ, ଡ.ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ▶▶ପୃଷ୍ଠା ୭

## ରାଜ୍ୟରେ ବନ୍ୟା ସ୍ଥିତି ଓ କ୍ଷୟ କ୍ଷତି



ଭୁବନେଶ୍ୱର,୨୮।୮ (ନି.ପ୍ର): ଓଡ଼ିଶାର ଲଗାଣ ବର୍ଷା ଫଳରେ ବିଭିନ୍ନ ନଦୀରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରେ ଧିରେ ଧିରେ ସୁଧାର ଆସିବାରେ ଲାଗିଛି । ସୁବର୍ଣ୍ଣରେଖା ନଦୀରେ ରାଜଘାଟଠାରେ ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ଆଜି ଜଳସ୍ତର ସର୍ବୋଚ୍ଚ ୧୦.୯୬ ମିଟରକୁ ଉଠିଥିଲା। ମାତ୍ର ଦିନ ୨ଟା ସୁଦ୍ଧା ଏହା କମି ୧୦.୮୮ ମିଟରରେ ପ୍ରବାହିତ ହେଉଛି । ଗାଲୁଡିହି ବ୍ୟାରେଜ୍‌ରୁ ଗତକାଲି ୭୫୦୦ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଥିବା ବେଳେ ଆଜି ଏହା କମି ଆସି ୫୭୫୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଆଜି ବର୍ଷା ହୋଇନାହିଁ । ଆଶା କରାଯାଉଛି ଜଳସ୍ତର ଆହୁରି କମି କମି ଯିବ ଏବଂ ବନ୍ୟା ପରିସ୍ଥିତିରେ ଅନେକ ସୁଧାର ଆସିବ ।ବୁଢ଼ାବଳଙ୍ଗ ନଦୀରେ ଏନ.ଏଚ-୫ ଗୋବିନ୍ଦପୁରଠାରେ ବିପଦ ସଂକେତ ୮.୧୩ ମିଟର ଥିବା ବେଳେ ଦିନ ୨ଟା ସୁଦ୍ଧା ଜଳସ୍ତର ୭.୭୬ ମିଟରରେ ପ୍ରବାହିତ ହେଉଥିଲା । ଗତକାଲି ଏହାର ଜଳସ୍ତର ବିପଦ ସଂକେତ ଟପି ୮.୪୦ ମିଟରରେ ପ୍ରବାହିତ ▶▶ପୃଷ୍ଠା ୭

## ନନ୍ଦନକାନନରେ ଆଉ ଏକ ଆନାକୋଣ୍ଡାର ମୃତ୍ୟୁ

ଭୁବନେଶ୍ୱର,୨୮।୮ (ନି.ପ୍ର): ନନ୍ଦନକାନନରେ ଏକ ଆନାକୋଣ୍ଡାର ମୃତ୍ୟୁ ଘଟିଛି । ନନ୍ଦନକାନନ କର୍ତୃପକ୍ଷ ଚେନ୍ନାଇରୁ ଆଣିଥିବା ୮ଟି ହଳଦିଆ ଆନାକୋଣ୍ଡା ମଧ୍ୟରୁ ପୂର୍ବରୁ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ଦିନ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ଏହାର ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଉଲ୍ଲେଖନୀୟ ଯ ବର୍ତ୍ତମାନ ନନ୍ଦନକାନନରେ ୫ଟି ହଳଦିଆ ଆନାକୋଣ୍ଡା ରହିଛି । ଏହା ପୂର୍ବରୁ ନଭେମ୍ବର ୨୯ ଏବଂ ଡିସେମ୍ବର ୧ରେ ଚେନ୍ନାଇରୁ ଆସିଥିବା ୮ଟି ହଳଦିଆ ଆନାକୋଣ୍ଡା ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଥିଲା । ପ୍ରୋଟୋଜୋନ୍ ବା ସୂକ୍ଷ୍ମ ଏମିବା ଜନିତ ସଂକ୍ରମଣରେ ଆଭ୍ୟନ୍ତରୀଣ କ୍ଷତ ଯୋଗୁଁ ୨ଆନାକୋଣ୍ଡାଙ୍କ ମୃତ୍ୟୁ ଘଟିଥିଲା ବୋଲି ସେତେବେଳେ କୁହାଯାଇଥିଲା ।

## ପୁରୀ ବଗଲା ଧର୍ମଶାଳା ପ୍ରସଙ୍ଗରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ଡ.ସମ୍ବିତ ପାତ୍ର

ଭୁବନେଶ୍ୱର ,୨୮।୮ (ନି.ପ୍ର): ବହୁ ଚର୍ଚ୍ଚିତ ପୁରୀ ବଗଲା ଧର୍ମଶାଳା ମାମଲାଟି ହାଇକୋର୍ଟ ବିଚାରାଧିନ ଅଛି । ମାତ୍ର ରାଜ୍ୟ ସରକାର ଚଂଚକତା କରି ଏହି ଜମିକୁ ପ୍ଲଟିଂ କରି ବିକ୍ରି କରିଛନ୍ତି । ଅନ୍ୟ ପଟେ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନା ଅନ୍ତର୍ଗତ ପୁରୀ ତୀର୍ଥସ୍ଥାନର ବିକାଶ ଓ ସୌନ୍ଦର୍ଯ୍ୟୀକରଣ ସହ ତୀର୍ଥଯାତ୍ରୀମାନେ ରହିବା ପାଇଁ ଆଇ.ଟି.ଡି.ସି. ତରଫରୁ ବଗଲା ଧର୍ମଶାଳାକୁ ୨୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ସେହି ସ୍ଥାନରେ ଜଗନ୍ନାଥ ତୀର୍ଥନିବାସ ପାଇଁ ବର୍ତମାନ ସୁଦ୍ଧା ୩ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି । ମାତ୍ର ରାଜ୍ୟ ସରକାର ରାତାରାତି ଏହି ନିର୍ମାଣ କାର୍ଯ୍ୟକୁ ସ୍ଥଗିତ କରି ଉକ୍ତ ଜମିକୁ ପ୍ଲଟିଂ କରି ବିକ୍ରି କରି ଦେବାର ଷଡଯନ୍ତ୍ର କରିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ କାର୍ଯ୍ୟ । ଆଜି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ୍ ପାତ୍ର ଦିଲ୍ଲୀଠାରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ପଟେଲଙ୍କୁ ଭେଟି ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରି ଏହି ଘଟଣା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପଟେଲ ଉକ୍ତ ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ଯଥାଶୀଘ୍ର ବିହୀତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ପାତ୍ର ସୁଚନା ଦେଇଛନ୍ତି। କେନ୍ଦ୍ରସରକାରଙ୍କ ପ୍ରସାଦ ଯୋଜନା ଅନୁଯାୟୀ ତୀର୍ଥଯାତ୍ରୀଙ୍କ ରହିବା ପାଇଁ ଆରମ୍ଭ ହୋଇଥିବା ଜଗନ୍ନାଥ ତୀର୍ଥନିବାସ ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରାଯାଇ ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଏକ ବିରାଟ ଧର୍ମଶାଳା ନିର୍ମାଣ କରାଯାଉ ବୋଲି ଶ୍ରୀ ପାତ୍ର ପୁଣି ଥରେ ଦାବୀ କରିଛନ୍ତି । ▶▶ପୃଷ୍ଠା ୭




# ସ୍ୱନକ୍ଷତ୍ର ବିଶେଷାଙ୍କ



## ଅଖଣ୍ଡ ଭାରତ ନିର୍ମାଣ କ'ଣ ସମ୍ଭବ ?

**ଗୋପାଳ ମହାପାତ୍ର**



ଅଖଣ୍ଡ ଭାରତ ଏବେ ରାଜନୀତି ତଥା ସାଧାରଣ ସ୍ତରରେ ଏକ ଆଲୋଚନାର ବିଷୟରେ ପରିଣତ ହୋଇଛି । ଅଖଣ୍ଡ ଭାରତ କୁ ନେଇ ଅନେକ କଥା କୁହାଯାଉଛି, ହେଲେ ଅଖଣ୍ଡ ଭାରତ କେଉଁଠାରୁ କେଉଁ ପର୍ଯ୍ୟ' ସେ ବାବଦରେ ଅନେକେ ଜାଣିନାହାଁନ୍ତି । ପ୍ରକୃତ ତଥ୍ୟ ଯାହା ଏବଂ ପ୍ରକୃତ ଅଖଣ୍ଡ ଭାରତର ରୁପରେଖ ଯାହା ସେଇ ସ୍ଥିତିକୁ ଆସିବା କେବଳ କଷ୍ଟକର ନୁହେଁ ଏକ ଦିବାସ୍ୱପ୍ନ ଭଳି । ଓଡ଼ିଆରେ ଗୋଟେ ଢ଼ଗ ଅଛି '୬୦ମହଣ ଘିଅ ହେବ ଆଉ ରାଧା ନାଚିବ' ଯାହା ସେହିପରି ଅନେକଗୁଡ଼ିଏ ଦେଶ ମିଶିବା ଓ ଅଖଣ୍ଡ ଭାରତ କଥା ମଧ ଠିକ୍ ସେଇଆ । ଏଣୁ ଅଖଣ୍ଡ ଭାରତର ପ୍ରକୃତ ସ୍ଥିତି ଜାଣିବା ଆବଶ୍ୟକ । ସାଧାରଣତଃ ହିନ୍ଦୁ ସଂସ୍କୃତି କୁ ବିଶ୍ୱାସ କରୁଥିବା ଲୋକେ ଯେତେବେଳେ କିଛି ଶୁଭକାର୍ଯ୍ୟ କରିଥାନ୍ତି ସେଇ ସମୟରେ ଏକ ସଂକଳ୍ପ କରାଯାଇଥାଏ । ସଂକଳ୍ପ କଲାବେଳେ ବ୍ରାହ୍ମଣଙ୍କ ତୁଣ୍ଡରୁ ଉଚ୍ଚାରିତ ହୋଇଥାଏ 'ଜମ୍ବୁଦ୍ୱିପେ ଭାରତ ଖଣ୍ଡେ' ଶବ୍ଦ । ଏ ଦୁଇଟି ସଂସ୍କୃତ ଶବ୍ଦ । ଏ ଦୁଇଟି ଶବ୍ଦରୁ ସ୍ପଷ୍ଟ ଯେ ଜମ୍ବୁଦ୍ୱିପ ମଧରେ ଭାରତବର୍ଷ ଅବସ୍ଥିତ । ଭାରତୀୟ ସଂସ୍କୃତି ବିଶ୍ୱର ମହାନତମ ସଂସ୍କୃତି । ଆଜିର ଭାରତବର୍ଷ ଯାହା ବହୁ ପୁରାକାଳରେ ଆର୍ଯ୍ୟାବର୍ତ୍ତ ନାମରେ ଖ୍ୟାତ ଥିଲା ଓ ଏହା ବିଶ୍ୱର ପ୍ରାଚୀନତମ ରାଷ୍ଟ୍ର । ଜ୍ଞାନ, ବିଜ୍ଞାନ ଏବଂ ସଂସ୍କାରର କଥା ସମଗ୍ର ବିଶ୍ୱ ଭାରତବର୍ଷରୁ ହିଁ ଶିଖିଛି । ଯେତେବେଳେ ସମଗ୍ର ବିଶ୍ୱ ଅଜ୍ଞାନତାର ଅନ୍ଧକାରରେ ବୁଡ଼ି ରହିଥିଲା ସେତେବେଳେ ଭାରତବର୍ଷ ସମଗ୍ର ବିଶ୍ୱକୁ ଜ୍ଞାନ ପ୍ରଦାନ କରି ଆଲୋକିତ କରିଥିଲା ବୋଲି ଆମ ଶାସ୍ତ୍ର କହୁଛି । ବିଗତ ୨୫୦୦ବର୍ଷ ମଧରେ ଭାରତବର୍ଷକୁ ଅନେକ ଆକ୍ରମଣର ଶିକାର ହେବାକୁ ପଡ଼ିଛି ଓ ଭାରତବର୍ଷ ଖଣ୍ଡ ବିଖଣ୍ଡିତ ହୋଇଛି । ଏହି ୨୫୦୦ବର୍ଷର ଇତିହାସକୁ ତର୍ଜମା କଲେ ସ୍ପଷ୍ଟ ଯେ ଆକ୍ରମଣକାରୀମାନେ ୨୪ବାର ଭାରତବର୍ଷକୁ ଖଣ୍ଡିତ କରିଛନ୍ତି । ଫ୍ରେଞ୍ଚ, ଡଚ୍, କୁଷାଣ, ସକ, ଯମନ, ୟୁନାନୀ, ମୋଗଲ ଏବଂ ଇଂରେଜମାନଙ୍କ ଦ୍ୱାରା ଅନେକ ବାର ଆକ୍ରମଣ ହୋଇଛି । ଭାରତ ଆଫଗାନିସ୍ଥାନ, ମ୍ୟାମାର, ଶ୍ରୀଲଙ୍କା, ନେପାଳ, ତିବ୍ବତ, ଭୁଟାନ, ମାଲେସିଆ ଭଳି ଅନେକ ଦେଶର ମିଶ୍ରଣ ହେଉଛି ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତ ।ଆଫଗାନିସ୍ଥାନକୁ ୧୮୭୬ରେ, ଭୁଟାନକୁ ୧୯୦୬ରେ, ଶ୍ରୀଲଙ୍କାକୁ ୧୯୩୫ରେ, ପାକିସ୍ଥାନକୁ ୧୯୪୭ରେ ଅଖଣ୍ଡ ଭାରତରୁ ଅଲଗା କରାଯାଇ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରାଯାଇଥିଲା । ୧୮୭୫ ପୂର୍ବରୁ ଆଫଗାନିସ୍ଥାନ, ଭୁଟାନ, ମ୍ୟାମାର, ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ତିବ୍ବତ ଅଖଣ୍ଡ ଭାରତର ଅଂଶ ଥିଲେ । ୧୮୭୫ ମସିହାରେ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ ଆନ୍ଦୋଳନ ସୂତ୍ରପାତ ହୋଇଥିଲା ସେଥିରେ ଡ଼ରିଯାଇଥିଲେ ଇଂରେଜ ସରକାର । 'ବିଭାଜନ କର- ଶାସନ କର' ନୀତିକୁ ଆପଣେଇ ସର୍ବପ୍ରଥମେ ୧୮୭୬ ମସିହାରେ ଆଫଗାନିସ୍ଥାନକୁ ଆର୍ଯ୍ୟାବର୍ତ୍ତ (ଅଖଣ୍ଡ ଭାରତ) ରୁ ଅଲଗା କରିଦେଇଥିଲେ ଓ ୧୯୪୭ ମସିହାରେ ବର୍ତ୍ତମାନର ଭାରତ ବର୍ଷ ସ୍ୱାଧିନ ହେବା ପର୍ଯ୍ୟ' ଏହି ବିଭାଜନ ପ୍ରକ୍ରିୟା ଜାରି ରଖିଥିଲେ ଇଂରେଜମାନେ । ଯଦି ଆମେ ରାମାୟଣ ଓ ମହାଭାରତ କାଳର କଥାକୁ ତର୍ଜମା କରିବା ତେବେ ମାଲେସିଆ, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡ, ଫିଲପାଇନ୍ସ, ଭିଏତନାମ ଓ କମ୍ବୋଡ଼ିଆ ଭଳି ଦେଶ ମଧ ଆର୍ଯ୍ୟାବର୍ତ୍ତର ଅଂଶ ଥିଲା ବୋଲି ଜଣାପଡ଼େ ।

ସଂକଳ୍ପ ବେଳେ ଉଚ୍ଚାରଣ କରାଯାଉଥିବା ସଂସ୍କୃତ ଶ୍ଳୋକରୁ ଆର୍ଯ୍ୟାବର୍ତ୍ତ (ଅଖଣ୍ଡ ଭାରତ) ର ଭୂଭାଗ ସଂପର୍କରେ ସ୍ପଷ୍ଟ ସୂଚନା ମିଳେ । ଅଖଣ୍ଡ ଭାରତ ହିମାଳୟ ଠାରୁ ହିନ୍ଦ୍ ମହାସାଗର ପର୍ଯ୍ୟ' ତଥା ଇରାନ୍ ଠାରୁ ଇଣ୍ଡୋନେସିଆ ପର୍ଯ୍ୟ' ବ୍ୟାପ୍ତ ଥିଲା । ୧୮୫୭ରେ ଅଖଣ୍ଡ ଭାରତର କ୍ଷେତ୍ରଫଳ ଥିଲା ୮୩ଲକ୍ଷ ବର୍ଗ କିଲୋମିଟର କିନ୍ତୁ ବର୍ତ୍ତମାନର ଭାରତ ବର୍ଷର କ୍ଷେତ୍ରଫଳ ମାତ୍ର ୩୩ଲକ୍ଷ ବର୍ଗକିଲୋମିଟର ରହିଛି । ୧୯୩୫ ମସିହାରେ ଇଂରେଜମାନେ ଶ୍ରୀଲଙ୍କାକୁ ଭାରତ ବର୍ଷରୁ ଅଲଗା କରିଦେଇଥିଲେ । ଆମ ଶାସ୍ତ୍ର ଅନୁସାରେ ଶ୍ରୀଲଙ୍କାର ନାମ ଥିଲା ସିଂହଳ ଦ୍ୱିପ । ପରେ ଏହାର ନାମ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ଏହାର ନାମ ଶ୍ରୀଲଙ୍କା ରଖାଯାଇଛି । ସମ୍ରାଟ ଅଶୋକଙ୍କ ଶାସନ କାଳରେ ଶ୍ରୀଲଙ୍କାର ନାମ ଥିଲା ତାମ୍ରପର୍ଣ୍ଣି । ସମ୍ରାଟ ଅଶୋକଙ୍କ ପୁତ୍ର ମହେନ୍ଦ୍ର ଏବଂ ପୁତ୍ରି ସଂଘମିତ୍ରା ବୌଦ୍ଧ ଧର୍ମର ପ୍ରଚ଼ର ପାଇଁ ଶ୍ରୀଲଙ୍କା ଯାଇଥିଲେ । ସେହିପରି ଆଫଗାନିସ୍ଥାନର ପୁରୁଣା ନାମ ହେଉଛି ଉପଗଣସ୍ଥାନ, ଏବଂ କାନ୍ଦାହାରର ପୁରୁଣା ନାମ ହେଉଛି ଗାନ୍ଧାର । ଆଫଗାନିସ୍ଥାନ ଏକ ଶୈବଧର୍ମାବଲମ୍ବୀ ଦେଶ ଥିଲା । ମହାଭାରତ ରେ ବର୍ଣ୍ଣିତ ଗାନ୍ଧାର ଆଫଗାନିସ୍ଥାନରେ ରହିଛି ଯେଉଁଠି କୌରବଙ୍କ ମାତା ଗାନ୍ଧାରୀ ଏବଂ ମାମୁଁ ଶକୁନି ଥିଲେ । ଶାହାଜାହାନଙ୍କ ଶାସନ କାଳ ପର୍ଯ୍ୟ' କାନ୍ଦାହାର ବା ଗାନ୍ଧାର ସମ୍ପର୍କରେ ତଥ୍ୟ ରହିଛି । ଏହା ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତର ଅଂଶ ଥିଲା । ୧୮୭୬ରେ ଋଷିଆ ଏବଂ ବ୍ରିଟେନ୍ ମଧରେ ଗଣ୍ଡାମକ ସନ୍ଧି ହୋଇଥିଲା । ଏହି ସନ୍ଧି ପରଠାରୁ ଆଫଗାନିସ୍ଥାନକୁ ଏକ ସ୍ୱତନ୍ତ୍ର ଦେଶ ବୋଲି ସ୍ୱୀକାର କରାଯାଇଥିଲା । ମ୍ୟାମାର (ବର୍ମା)ର ପ୍ରାଚୀନ ନାମ ହେଉଛି ବ୍ରହ୍ମଦେଶ । ୧୯୩୭ ମସିହାରେ ଇଂରେଜମାନେ ମିଆମାର ବା ବର୍ମାକୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଥିଲେ । ପ୍ରାଚୀନ କାଳରେ ହିନ୍ଦୁ ରାଜା ଅଣାବ୍ରତ ଏଠାରେ ଶାସନ କରୁଥିଲେ ।

ଇଂରେଜମାନେ ୧୯୦୪ ମସିହାରେ ନେପାଳକୁ ଆର୍ଯ୍ୟାବର୍ତ୍ତରୁ ଅଲଗା କରିଦେଇଥିଲେ । ନେପାଳର ପୁରୁଣା ନାମ ହେଉଛି ଦେବଘର । ନେପାଳର ଲୁମ୍ବିନୀଠାରେ ଭଗବାନ ବୁଦ୍ଧଙ୍କର ଜନ୍ମ ହୋଇଥିଲା ଏବଂ ମାତା ସୀତାଙ୍କ ଜନ୍ମ ନେପାଳର ଜନକପୁରରେ ହୋଇଥିବା ପୁରାଣ ଶାସ୍ତ୍ରରୁ ସ୍ପଷ୍ଟ । ସମ୍ରାଟ ଅଶୋକ ଏବଂ ସମୁଦ୍ରଗୁପ୍ତଙ୍କ ଶାସନ କାଳରେ ନେପାଳ ଅଖଣ୍ଡ ଭାରତର ଅଂଶ ଥିଲା । ୧୯୩୯ ମସିହା ପର୍ଯ୍ୟ' ଥାଇଲାଣ୍ଡକୁ ଶ୍ୟାମ ବୋଲି କୁହାଯାଉଥିଲା । ତୃତୀୟ ଶତାବ୍ଦି ରୁ ସେଠାରେ ବୌଦ୍ଧ ମନ୍ଦିର ନିର୍ମାଣ ହୋଇଥିବାର ସୂଚନା ମିଳେ । ଏବେ ବି ଥାଇଲାଣ୍ଡରେ ଅନେକ ହିନ୍ଦୁ ମନ୍ଦିର ରହିଛି । କମ୍ବୋଡ଼ିଆର ସଂସ୍କୃତ ନାମ କମ୍ବୋଜ । ଏହା ମଧ ଆର୍ଯ୍ୟାବର୍ତ୍ତରେ ଥିଲା । ଭାରତୀୟବଂଶୋଦ୍ଭବ କୌଣ୍ଡିନ୍ୟ ରାଜ ବଂଶର ଶାସନ ଏଠାରେ ଥିଲା । ଏଠାକାର ଲୋକମାନେ ଶିବ, ବିଷ୍ଣୁ ଏବଂ ବୁଦ୍ଧଙ୍କର ପୂଜା କରିଥାନ୍ତି । କମ୍ବୋଡ଼ିଆର ରାଷ୍ଟ୍ରଭାଷା ସଂସ୍କୃତ ଥିଲା । ବିଶ୍ୱ ପ୍ରସିଦ୍ଧ ଭଗବାନ ବିଷ୍ଣୁଙ୍କ ମନ୍ଦିର ସେଠାରେ ରହିଛି ଯାହାର ନିର୍ମାଣ କରିଥିଲେ ହିନ୍ଦୁ ରାଜା ସୂର୍ଯ୍ୟଦେବ ବର୍ମା । ଏହି ମନ୍ଦିର ସହରର ନାମ ଅଙ୍କରୋବାଟ ଯାହାର ପ୍ରାଚୀନ ନାମ ହେଉଛି ଯଶୋଧରପୁର । ସେହିପରି ଭିଏତ୍ନାମ ମଧ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷରେ ଥିଲା । ଭିଏତ୍ନାମର ପ୍ରାଚୀନ ନାମ ହେଉଛି ଚମ୍ପାଦେଶ । ଏବେବି ଭିଏତ୍ନାମର ବିଭିନ୍ନ ସହରରେ ଅନେକ ଶିବ, ପାର୍ବତୀ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମନ୍ଦିର ଦେଖିବାକୁ ମିଳେ । ପ୍ରାକ୍କାଳରେ ଏଠାରେ ଅନେକ ଶୈବାବଲମ୍ବି ଥିଲେବୋଲି ଜଣାପଡ଼େ । ମାଲେସିଆର ପ୍ରାଚୀନ ନାମ ଥିଲା ମଳୟ ଦେଶ, ଯାହାର ଅର୍ଥ ହେଉଛି ପାହାଡ଼ର ଭୂମି । ରାମାୟଣରେ ମାଲେସିଆର ବର୍ଣ୍ଣନା ରହିଥିବାବେଳେ ମହାକବି କାଳିଦାସ ତାଙ୍କ ରଘୁବଂଶମ୍‌ରେ ମଧ ଏହାର ବର୍ଣ୍ଣନା କରିଛନ୍ତି । ଏଠାକାର ଲିପି ବ୍ରାହ୍ମୀ ଥିବାବେଳେ ପ୍ରାକ୍ ଯୁଗରେ ସଂସ୍କୃତ ଭାଷା ମୁଖ୍ୟ ଭାଷା ଥିଲା ଓ ଆର୍ଯ୍ୟାବର୍ତ୍ତର ଏକ ଭୂଖଣ୍ଡ ମଧ ଥିଲା ମାଲେସିଆ । ପୁରାଣରେ ଯେଉଁ ଦ୍ୱିପା'ର ଭାରତ କଥା ବର୍ଣ୍ଣନା କରାଯାଇଛି ତାହା ହେଉଛି ଇଣ୍ଡୋନେସିଆ । ଦ୍ୱିପା'ର ଭାରତର ଅର୍ଥ ହେଉଛି ସମୁଦ୍ର ପାରିର ଭାରତ । ଇଣ୍ଡୋନେସିଆ ହିନ୍ଦୁ ରାଜାମାନଙ୍କର ରାଜ୍ୟ ଥିଲା । ଜାଭା ଦ୍ୱୀପରେ ଏକ ବୃହତ୍ ଶିବ ମନ୍ଦିର ଥିଲା ବୋଲି କୁହାଯାଏ । ସେଠାକାର ପ୍ରାଚୀନ ପୁସ୍ତକ 'ଭୁବନକୋଷ' ସଂସ୍କୃତରେ ଲେଖାହୋଇଥିଲା ଓ ସେଥିରେ ୫୨୫ ଶ୍ଳୋକ ଥିଲା । ୧୯୦୭ ମସିହାରେ ଚୀନ ଏବଂ ଇଂରେଜମାନଙ୍କ ମଧରେ ହୋଇଥିବା ବୁଝାବଣା ପରେ ତିବ୍ବତକୁ ଦୁଇଭାଗ କରି ଦିଆଯାଇଥିଲା । ଗୋଟିଏ ଭାଗ ଚୀନ ନେଇଯାଇଥିବାବେଳେ ଅନ୍ୟ ଭାଗଟିକୁ ଲାମାଙ୍କୁ ପ୍ରଦାନ କରାଯାଇଥିଲା । ତିବ୍ବତର ପ୍ରାଚୀନ ନାମ ହେଉଛି ତ୍ରିବିଷ୍ଟମ । ପରେ ଲାମାଙ୍କୁ (ଦଲାଇଲାମା) ଦିଆଯାଇଥିବା ଭାଗକୁ ମଧ ଚୀନ ଜବର ଦଖଲ କରିନେଇଛି । ୧୯୫୪ରେ ତତ୍କାଳୀନ ଭାରତ ସରକାର ଲାମାଙ୍କ ଭାଗ ତିବ୍ବତକୁ ମଧ ଚୀନର ବୋଲି ଗ୍ରହଣ କରିନେଇଥିଲେ । ୧୯୦୬ ମସିହାରେ ଇଂରେଜମାନେ ଭୁଟାନକୁ ଭାରତବର୍ଷରୁ ଅଲଗା କରିଦେଇଥିଲେ ଓ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେଇଥିଲେ । ଭୁଟାନ ଶବ୍ଦ ସଂସ୍କୃତ ଶବ୍ଦ ଭୂ-ଉତ୍ଥାନରୁ ଆସିଛି ଯାହାର ଅର୍ଥ ହେଉଛି ଉଚ୍ଚଭୂମି । ଭାରତକୁ ସ୍ୱାଧିନତା ଦେବା ପୂର୍ବରୁ ୧୯୪୭ ମସିହାରେ ଇଂରେଜମାନେ ଭାରତର ବିଭାଜନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୪୭ ଅଗଷ୍ଟ ୧୪ ତାରିଖରେ ପୂର୍ବ ପାକିସ୍ଥାନ ଏବଂ ପଶ୍ଚିମ ପାକିସ୍ଥାନକୁ ନେଇ ପାକିସ୍ଥାନ ନାମକ ଏକ ସ୍ୱତନ୍ତ୍ର ରାଷ୍ଟ୍ର ସୃଷ୍ଟି ହୋଇଥିଲା । ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୦ରୁ ଧର୍ମ ଆଧାରରେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଥିଲେ । ଯାହାର ପରିଣାମ ସ୍ୱରୂପ ପାକିସ୍ଥାନର ସୃଷ୍ଟି । ୧୯୭୧ରେ ପାକିସ୍ଥାନ ଦୁଇ ଭାଗ ହୋଇଯାଇଥିଲା ଓ ବାଙ୍ଗଳାଦେଶ ଜନ୍ମ ନେଇଥିଲା । ପାକିସ୍ଥାନ ଏବଂ ବଙ୍ଗଳାଦେଶ ଭାରତ ବର୍ଷର ଅଂଶ ଥିଲେ । ଭିନ୍ନ ଭିନ୍ନ ସମୟରେ ଭାରତ ବର୍ଷକୁ ଖଣ୍ଡ ବିଖଣ୍ଡିତ କରାଯାଇଥିଲା ଓ ନୂଆ ନୂଆ ଦେଶ ଜନ୍ମ ନେଇଥିଲା । ଏବେ ଯେଉଁମାନେ ଅଖଣ୍ଡ ଭାରତର କଥା କହୁଛନ୍ତି ସେମାନେ ଭାରତର ଖଣ୍ଡିତ ହୋଇଥିବା ଏସବୁ ଦେଶକୁ ମିଶାଇ ଅଖଣ୍ଡ ଭାରତର ପୁନର୍ଗଠନ କରିପାରିବେ ତ ? ଏସବୁ ଦେଶକୁ ମିଶାଇ ଅଖଣ୍ଡ ଭାରତ ଗଠନ କରିବା ଅସମ୍ଭବ ଜଣାପଡୁଛି । କିନ୍ତୁ ଅସମ୍ଭବ ମଧ ନୁହେଁ । ଅଖଣ୍ଡ ଭାରତ ଭାରତବାସୀଙ୍କ ପାଇଁ କେବଳ ଏକ ଶବ୍ଦ ନୁହେଁ । ଏହା ଆମ ଶ୍ରଦ୍ଧା, ଭାବ, ଦେଶଭକ୍ତି ଏବଂ ସଂକଳ୍ପର କଥା । ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତ କିପରି ଖଣ୍ଡ ବିଖଣ୍ଡିତ ହେଲା ସେ ସଂପର୍କରେ ଚି'। କରାଯିବା ଉଚିତ୍ । ଏହି ସ୍ୱପ୍ନ ଅସମ୍ଭବ ଲାଗୁଥାଇପାରେ କିନ୍ତୁ ଯଦି ଆମେ ଇତିହାସକୁ ଦେଖିବା ତେବେ ଯେଉଁ ପ୍ରସଙ୍ଗ ଅସମ୍ଭବ ବୋଲି ଜଣାପଡୁଥିଲା ତାହା କିଛି କାଳ ପରେ ସମ୍ଭବ ହୋଇଛି । ବିଶ୍ୱର ଐତିହାସିକ ଅନୁଭବ ହେଉଛି କୌଣସି ବି ଦେଶର ବିଭାଜନ ସ୍ଥାୟୀ ନୁହେଁ । ୧୯୦୫ରେ ବଙ୍ଗ ଭଙ୍ଗ ପରେ ୧୯୧୧ରେ ଏହା ଏକ ହୋଇଥିଲା । ୨୦୦୦ବର୍ଷ ପୂର୍ବେ ନଷ୍ଟ ଇସ୍ରାଏଲ ୧୯୪୮ମସିହା ମେ ମାସରେ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା । ହୋଲିରୋମାନ୍ ଏମ୍ପାୟାର ନଷ୍ଟ ହୋଇଯିବା ଏପରିକି ବ୍ରିଟିଶ ସାମ୍ରାଜ୍ୟ ସ୍ଥାୟୀ ନରହିବା ଭଳି ଅନେକ ଘଟଣା ଘଟିଛି । ଆମେ ଜର୍ମାନୀର ମିଶ୍ରଣ କଥା ଦେଖିଛେ । କେହି କେବେ ଭାବିଥିଲେ କି ପୂର୍ବ ଜର୍ମାନୀ ଏବଂ ପଶ୍ଚିମ ଜର୍ମାନୀ ମିଶିବେ ବୋଲି ? ଦୁଇ ଭିଏତ୍ନାମ ଏକ ହୋଇଯାଇଥିଲେ । ଏପରି ଅନେକ ଉଦାହରଣ ରହିଛି । ଜେନେରାଲ କରିଆପ୍ପା କହିଥିଲେ ଭାରତ ପୁଣି ସଙ୍ଗଠିତ ହେବ । ପ୍ରସିଦ୍ଧ ଲେଖକ ବାନ୍ ବୋଲବନବର୍ଗ ମଧ କହିଥିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ପାକିସ୍ଥାନର ବିଭାଜନ ତର୍କ ହୀନ । ଭାରତର ଅଖଣ୍ଡତାର ଆଧାର ଭୂଗୋଳ ନୁହେଁ ସାଂସ୍କୃତିକ । ଅଖଣ୍ଡ ଭାରତ କେବେ ହେବ ତାହା କହିବା କଠିନ କିନ୍ତୁ ଅସମ୍ଭବ ନୁହେଁ । ଏବେ ପାକିସ୍ଥାନ ଅଧିକୃତ କାଶ୍ମୀର ଏବଂ ବେଲୁଚିସ୍ଥାନର ଲୋକେ ସ୍ୱାଧିନତା ଦାବି କଲେଣି । ଏବେର ସରକାର ପାକିସ୍ଥାନ ଅଧିକୃତ କାଶ୍ମୀରକୁ ଭାରତରେ ମିଶାଇ ଅଖଣ୍ଡ ଭାରତ ନିର୍ମାଣ ର ଶ୍ରୀ ଗଣେଷ ବା ଶୁଭାରମ୍ଭ କରିବା ଉଚିତ୍ ।

ରାମଚନ୍ଦ୍ରପୁର,ରଣପୁର,
ମୋ.-୯୪୩୮୪୮୫୦୯୪

## ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ' ନୀଳଗିରି

- ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସୁଲଭ ଶୌଚାଳୟ ବ୍ୟବସ୍ଥା । ପାର୍କର ଉନ୍ନତିକରଣ କରାଯାଇଅଛି ।
- ରାସ୍ତାଘାଟର ଉନ୍ନତିକରଣ କରିବା ସହିତ ସହରକୁ ଆଲୋକିତ କରାଯାଉଅଛି । ସହର ମଧ୍ୟ ଭାଗରେ ଥିବା ଆର.ଆଇ. ଅଫିସ ନିକଟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ।
- ନୂତନ ଦୋକାନ ଗୃହ ନିର୍ମାଣ ପାଇଁ ପ୍ରୟାସ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହ ପ୍ରଦାନ ।
- ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଘରକୁ ଘର ପାଇଖାନା ପ୍ରଦାନ ।
- ପଲିଥିନି ମୁକ୍ତ ସହର କରିବା ଦିଗରେ ପ୍ରୟାସ ଜାରି ରଖିବା ଓଡ଼ିଶାରେ ପ୍ରଥମ ସହର ।
- ଏନ.ଜି.ଓ. ମାଧ୍ୟମରେ ସହରକୁ ପରିଷ୍କାର ପରିଚ୍ଛନ୍ନ ସହିତ ଘରକୁ ଘର ଅଳିଆ ଉଠାଯିବାର ବ୍ୟବସ୍ଥା ।
- ହରିଶଚନ୍ଦ୍ର ସହାୟତା, ପରିବାର ମଙ୍ଗଳ ଯୋଜନା ଦ୍ୱାରା ହିତାଧିକାରୀମାନଙ୍କୁ ଅର୍ଥ ପ୍ରଦାନ ।
- ବିଭିନ୍ନ ପୋଖରୀଗୁଡ଼ିକର ପଙ୍କ ଉଦ୍ଧାର ଓ ପକ୍କାଘାଟ ନିର୍ମାଣ ।
- ଉନ୍ନତ ଧରଣର ନୂତନ ଶ୍ମଶାନ ନିର୍ମାଣ ।
- ଏମସିସି କାର୍ଯ୍ୟର ଅଗ୍ରଗତି ।

### ସମସ୍ତ କାର୍ଯ୍ୟ ପାଇଁ ଆପଣଙ୍କର ସହଯୋଗ ଆମ୍ଭର କାମ୍ୟ

- କରୋନା (କୋଭିଡ-୧୯) ମୁକ୍ତ ନିମନ୍ତେ ସହଯୋଗ କରନ୍ତୁ ।
- ନୀଳଗିରି ସହରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
- ପରିଷଦର ଟିକସ ଠିକ ସମୟରେ ପଇଠ କରି ଆର୍ଥିକ ସ୍ଥିତିକୁ ମଜବୁତ କରନ୍ତୁ ।
- ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଓ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
- ବିନା ଅନୁମତିରେ ରାସ୍ତାକଡ଼ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଦ୍ରବ୍ୟ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ଗୃହପାଳିତ ପଶୁ ଯଥା : ଗୋରୁ ଗାଈ, ଛେଳି, ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
- ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ସଙ୍ଗେ ସଙ୍ଗେ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।

ଶ୍ରୀ ରତନ କୁମାର ପଟ୍ଟନାୟକ
ନିର୍ବାହୀ ଅଧିକାରୀ,
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ

ଶ୍ରୀ ହରିଶ ଚନ୍ଦ୍ର ଜେନା, ଓ:ପ୍ରେ:ସେ
ପ୍ରଶାସକ,
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ

## ଭାରତର ମୁକ୍ତି ସଂଗ୍ରାମରେ ଚାପେକାର ବ୍ରଦର୍ସ

**ପ୍ରଦୀପ୍ତ ଆଚାର୍ଯ୍ୟ**

ଦେଶ ମାତୃକାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ, ଗୋଟିଏ ପରିବାରର ତିନି ତିନୋଟି ସନ୍ତାନ ମୁକ୍ତି ସଂଗ୍ରାମରେ ପ୍ରାଣ ବିସର୍ଜନ କରିବା ପରି ଘଟଣା ବୋଧହୁଏ ପୃଥିବୀରେ ବିରଳ । ତାହା କିନ୍ତୁ ବାସ୍ତବତାର ରୂପ ନେଇଥିଲା, ମହାରାଷ୍ଟ୍ରର ପୁନାସ୍ଥିତ ଏକ ବ୍ରାହ୍ମଣ ପରିବାର,ହରି ଚାପେକାରଙ୍କର ପରିବାରରେ । ଭାରତୀୟ ମାନେ ଯେତେବେଳେ ,ଇଂରେଜ ମାନଙ୍କର ଦୀର୍ଘଦିନବ୍ୟାପୀ ଦମନଲୀଳା ଓ ଶୋଷଣରେ ଅତିଷ୍ଠହୋଇଯାଇଥିଲେ,ଠିକ୍ ସେତିକିବେଳେ ସ୍ୱାମୀ ବିବେକାନନ୍ଦଙ୍କର ଓଜସ୍ୱିନୀ ଅଗ୍ନିବର୍ଷୀ ବକ୍ତବ୍ୟ,ସଶସ୍ତ୍ର ବିପ୍ଳବୀ ମାନଙ୍କର ରକ୍ତରେ କରିଥିଲା ଅଗ୍ନି ସଂଯୋଗ । ତାଙ୍କର ବକ୍ତବ୍ୟ ଥିଲା, ଯେତେବେଳେ ଭାରତୀୟ ମୁନିଋଷିମାନେ ବେଦ ଉପନିଷଦ ପରି ମୁଲ୍ୟବାନ ଗ୍ରନ୍ଥ ରଚନାରେ ବ୍ୟସ୍ତ ଥିଲେ,ସେତେବେଳେ ୟୁରୋପୀୟ ମାନେ ଆଦିମ ଅଧିବାସୀ ରୂପେ ବଣ ଜଙ୍ଗଲରେ କାଳାତିପାତ କରୁଥିଲେ ।ଇଂରେଜ ମାନେ ଭାରତୀୟ ମାନଙ୍କଠାରୁ କୌଣସି ଗୁଣରେ ଅଧିକ ନୁହନ୍ତି । ଶିକ୍ଷା ଶୌର୍ଯ୍ୟ ସାହସିକତା ଓ ମାନବିକତା ପରି ସ୍ୱର୍ଗୀୟ ଗୁଣ ଗୁଡିକ ଭାରତୀୟ ମାନଙ୍କଠାରେ ଭରପୁର୍, ଯାହା ଇଂରେଜ ମାନଙ୍କ ପାଖରେ ନାହିଁ । ଯେଉଁଦିନ ଭାରତୀୟ ମାନେ ଆତ୍ମ ବିଶ୍ୱାସ ଦୃଢ଼କରି, ଇଂରେଜ ଶାସନ ବିରୁଦ୍ଧରେ ସକ୍ରିୟ ହୋଇ ଉଠିବେ,ସେହିଦିନହିଁ ଇଂରେଜ ମାନେ ଏ ଦେଶରୁ ବିଦାୟ ନେବେ ।ବାରୁଦଗଦାରେ ଅଗ୍ନି ସଂଯୋଗ ପରି ଏହି ଦୃଢୋକ୍ତି ମହାରାଷ୍ଟ୍ରର ବିପ୍ଳବୀ ମାନଙ୍କର ମାନସପଟରେ ବିପନ କରିଦେଇଥିଲା ସଶସ୍ତ୍ର ସଂଗ୍ରାମର ବୀଜ । ସେହି ବୀଜର ଅଙ୍କୁରୋଦଗମ ହୋଇଥିଲା ମହାଦେବ ଗୋବିନ୍ଦ ରାଣାଡେ ନାମକ ଜଣେ ଦୁର୍ଦ୍ଧର୍ଷ ବିପ୍ଳବୀଙ୍କ ଦ୍ୱରା ଗଠିତ ଏକ ବୈପ୍ଳବିକ ସଂଗଠନ (ସାର୍ବଜନୀନ ସଭା) ଦ୍ୱାରା । ଇଂରେଜ ମାନଙ୍କୁ ଦେଶରୁ ସମ୍ପୂର୍ଣ୍ଣ ବହିଷ୍କାର କରିବାର ଶପଥ ନେଇ , ଏହି ସଂସ୍ଥାରେ ମହାରାଷ୍ଟ୍ରର ଶହଶହ ବିପ୍ଳବୀ ଯୁବକ ସାମିଲ ହୋଇଥିଲେ । ତନ୍ମଧ୍ୟରେ ଥିଲେ ଅନ୍ୟତମ ଉତ୍ସର୍ଗୀକୃତ ଦେଶଭକ୍ତ ବିପ୍ଳବୀ ବାସୁଦେବ ବଳବନ୍ତ ଫାଡକେ । ଛତ୍ରପତି ଶିବାଜୀଙ୍କର ଉତରାଧିକାରୀ ରୂପେ ମର୍ମେମର୍ମେ ଉପଲବ୍ଧି କରିଛନ୍ତି ସ୍ୱାଧୀନତାର ଗୁରୁତ୍ୱ । ଆଜନ୍ମ ବିପ୍ଳବୀ ସେମାନେ ,ବିପ୍ଳବ ତାଙ୍କର ଅସ୍ଥିମଜ୍ଜାଗତ । ଫାଡକେଙ୍କ ଦ୍ୱରା ଗଠିତ (ଉପଜାତି ସଂଗଠନ) ଆରମ୍ଭ କରିଦେଲେ ଇଂରେଜ ଅଫିସର ଏବଂ ସେମାନଙ୍କ ସମର୍ଥକଙ୍କ ଉପରେ ଦମନଲୀଳା । ସେମାନଙ୍କର ଯୁକ୍ତିଥିଲା, ଗୋଟିଏ ଇଂରେଜ ଅଫିସରକୁ ଖତମ କରିଦେଲେ,ଶହଶହ ଭାରୁ ଇଂରେଜ ମାନଙ୍କ ମନରେ ମୃତ୍ୟୁଭୟ ଶତଗୁଣିତ ହେବ ଏବଂ ଆତ୍ମବିଶ୍ୱାସ ହରାଇ ନିଷ୍କ୍ରିୟ ହୋଇଯାଇଥିବା ଭାରତୀୟ ମାନଙ୍କ ମନରେ ସୃଷ୍ଟି ହେବ ନିର୍ଭିକତା । ତାଙ୍କ ଶିକାର ତାଲିକାର ପରବର୍ତୀ ଲକ୍ଷ୍ୟ ଥିଲା ବମ୍ବେର ଗଭର୍ଣ୍ଣର ରିଚାର୍ଡ ଟେମ୍ପଲ । କିନ୍ତୁ ବିଧିର ବିଡମ୍ବନା,ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ୧୮୬୯ ମସିହା ଜୁଲାଇ ୩ ତାରିଖରେ ବାସୁଦେବ ପୋଲିସ ହାତରେ ଧରା ପଡିଯାଇଥିଲେ ଏବଂ ବିଚାରରେ ତାଙ୍କୁ ନିର୍ବାସିତ କରାଗଲା ଆଫ୍ରିକାର ଏଡେନ ବନ୍ଦରସ୍ଥିତ ଏକ ବନ୍ଦୀଶାଳାକୁ । ସେହିଠାରେ ସେ ଇହଧାମ ପରିତ୍ୟାଗ କରିଥିଲେ ଏବଂ ସେ ଥିଲେ ଭାରତର ପ୍ରଥମ ସହିଦ ଯିଏକି ବିଦେଶ ବନ୍ଦୀଶାଳାରେ ସହିଦ ହେବାର ଗୌରବାର୍ଜନ କରିଥିଲେ । ତାଙ୍କ ବିୟୋଗରେ ବିପ୍ଳବୀ ମହଲରେ ଏକ ସୁଦକ୍ଷ ନେତୃତ୍ୱର ଅଭାବ ପରିଲକ୍ଷିତ ହେବା ସମୟରେ ,ସଶସ୍ତ୍ର ମୁକ୍ତି ସଂଗ୍ରାମର ଭାଗ୍ୟାକାଶରେ ଉଦୟ ହେଲେ ଏକ ଉଜ୍ଜଳ ଦିପ୍ତିମନ୍ତ ସୂର୍ଯ୍ୟ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ । ତାଙ୍କର ବିପ୍ଳବାତ୍ମକ ରଚନା ଓ ଅଗ୍ନିବର୍ଷୀ ବକ୍ତବ୍ୟ ଯୁବବିପ୍ଳବୀ ମାନଙ୍କର ରକ୍ତରେ ଭରିଦେଇଥିଲା ଅଗ୍ନି ସ୍ଫୁଲିଙ୍ଗ ଏବଂ ମୁକ୍ତି ସଂଗ୍ରାମରେ ଆତ୍ମୋତ୍ସର୍ଗର ଅଭୁତପୂର୍ବ ଉଦ୍ଦାମତା । ଜନମାନସରେ ଦେଶାତ୍ମବୋଧ ଏବଂ ନିର୍ଭୀକତା ସୃଷ୍ଟି ନିମନ୍ତେ, ତିଳକଙ୍କ ନିର୍ଦ୍ଦେଶରେ ମହାରାଷ୍ଟ୍ରରେ ସର୍ବତ୍ର ପାଳିତ ହେଲା ଶିବାଜୀ ଜୟନ୍ତୀ ଏବଂ ଗଣପତି ପୂଜା । ସେହି ସମୟରେ ବମ୍ବେ ଏବଂ ପୁନା ସହରରେ ଆରମ୍ଭ ହୋଇଗଲା ଭୟାବହ ମହାମାରୀ ପ୍ଲେଗ୍, ଯେଉଁଥିରେକି ଚିକିତ୍ସାର ଅଭାବ ଏବଂ ସରକାରୀ ଉଦାସୀନତା ନିମନ୍ତେ ଶହଶହ ଲୋକ ଅକାଳରେ ମୃତ୍ୟୁ ବରଣ କରିଥିଲେ । ମାନବିକତା ଶୂନ୍ୟ ସରକାର ପୋଲିସ ସହାୟତାରେ ରୁଗ୍ଣ ବ୍ୟକ୍ତି ମାନଙ୍କୁ ବଳପୂର୍ବକ ସହରରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଲାଗି ପଡିଲେ । ପୁନାର ତତ୍କାଳୀନ ଶ୍ୱେତାଙ୍ଗ ଶାସକ ମିଷ୍ଟର ର୍ୟାଣ୍ଡସ୍‌ର ଅଦୂରଦର୍ଶିତା ଯୋଗୁ ତାଙ୍କ ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେଲା । ପୁନାର ହରି ଚାପେକାରଙ୍କ ପତ୍ନୀଙ୍କ ସ୍ୱର୍ଣ୍ଣଗର୍ଭରୁ ୧୮୬୯ରେ ଜନ୍ମିତ ଦାମୋଦର,୧୮୭୩ରେ ଜନ୍ମିତ ବାଳକୃଷ୍ଣ ଏବଂ ୧୮୮୦ରେ ଜନ୍ମିତ ବାସୁଦେବ,ତିନୋଟିଯାକ ସନ୍ତାନ ଥିଲେ ଆବାଲ୍ୟ ଦେଶପ୍ରେମୀ । ସେମାନଙ୍କ ସହ ସାମିଲ ହୋଇଥିଲେ ଆଉ ଜଣେ ଦୁର୍ଦ୍ଧର୍ଷ ବିପ୍ଳବୀ ମହାଦେବ ବିନାୟକ ରାଣାଡେ । ଏ ସମସ୍ତଙ୍କ ଗୋଟିଏ ଲକ୍ଷ୍ୟଥିଲା ମିଷ୍ଟର ର୍ୟାଣ୍ଡସ୍‌ର ନିଧନ । ଗୋଟିଏ ର୍ୟାଣ୍ଡସ୍‌ର ନିଧନରେ ଶତଶତ ଅତ୍ୟାଚାରୀ ଶାସକଙ୍କର ହୃତକମ୍ପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ,ର୍ୟାଣ୍ଡସ୍‌କୁ ଚିହ୍ନି ତାର ଗତିବିଧି ଉପରେ ନଜର ରଖିବାର ଦାୟୀତ୍ୱ ବହନ କଲେ ବାସୁଦେବ । ସେଦିନଥାଏ ୧୮୯୭ ଜୁନ ୨୨ତାରିଖ ।ପୁନାର ଭିକ୍ଟୋରିଆ ଜୁବୁଲି ହଲ୍‌ରେ ଏକ ବର୍ଣ୍ଣାଢ଼ ସମାବେଶର ମୁଖ୍ୟ ଅତିଥି ଥିଲେ ମିଷ୍ଟର ର୍ୟାଣ୍ଡସ । ସଶସ୍ତ୍ର ଦାମୋଦର ବାଳକୃଷ୍ଣ ଓ ମହାଦେବ ଯୋଜନାର ସଫଳ ରୂପାୟନର ସୁଯୋଗକୁ ଅପେକ୍ଷାରତ । କିନ୍ତୁ ର୍ୟାଣ୍ଡସ୍ ଥିଲା ବନ୍ଧୁକ ରେଞ୍ଜର ବାହାରେ । ତତ୍କ୍ଷଣାତ୍ ଯୋଜନାର ରୂପରେଖ ପରିବର୍ତନହୋଇଗଲା । ଅନ୍ଧକାର ରାତ୍ରୀର ସୁଯୋଗରେ ତିନିହେଁ ଅପେକ୍ଷାରତ ତାର ବଙ୍ଗଳାକୁ ଫେରିବା ରାସ୍ତାରେ । ପ୍ରଥମେ ରହିଲେ ଦାମୋଦର, ତାର ଅଳ୍ପ କିଛି ଦୁରରେ ବାଳକୃଷ୍ଣ ଏବଂ ସର୍ବଶେଷରେ ରହିଲେ ମହାଦେବ । ନିଶାର୍ଦ୍ଧରେ ଫେରିଲେ ର୍ୟାଣ୍ଡସ୍ ଘୋଡାଗାଡିରେ । ସୁଯୋଗ ଉପଗତ । କାଳବିଳମ୍ବ ନକରି ଅନ୍ଧକାରରେ ଦାମୋଦର ର୍ୟାଣ୍ଡସକୁ ଠିକ୍ ଭାବରେ ଚିହ୍ନିବାପରେ ଲକ୍ଷ୍ୟ ସ୍ଥିରକରି ଲାଗଲାଗ ଦୁଇଟି ଗୁଳି ଫୁଟାଇଦେଲେ । ରିଭଲଭର ଗୁଳିର ଶବ୍ଦ ସାଙ୍ଗକୁ ର୍ୟାଣ୍ଡସର ଆର୍ତଚିତ୍କାର ଥରାଇ ଦେଇଥିଲା ରାତ୍ରୀର ନିସ୍ତବ୍ଧତାକୁ । ତାଙ୍କ ପଛରେ ଆଉ ଗୋଟିଏ ଗାଡିରେ ଆସୁଥିଲେ ର୍ୟାଣ୍ଡସର ପ୍ରଧାନ ସହକାରୀ ମିଷ୍ଟର ଆର୍ୟଷ୍ଟ । ସୁଯୋଗକୁ ହାତଛଡା କଲେନାହିଁ ବାଳକୃଷ୍ଣ । କିଛି ମିନିଟ ମଧ୍ୟରେ ଗର୍ଜି ଉଠିଲା ତାଙ୍କ ହସ୍ତର ରିଭଲଭର ଏବଂ ଆର୍ୟଷ୍ଟର ଆର୍ତଚିତ୍କାର । ନିସ୍ତବ୍ଧ ରାତ୍ରୀର ଘନ ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଗଲେ ବିପ୍ଳବୀତ୍ରୟ । ସକାଳୁ ସକାଳୁ ଖବର ପ୍ରସାରିତ ହେବାପରେ ,ସ୍ତବ୍ଧ ହୋଇଗଲା ସାରା ଦେଶ । ସଶସ୍ତ୍ର ବିପ୍ଳବର ଶୁଭଶଙ୍ଖର ଶବ୍ଦରେ ପ୍ରକମ୍ପିତ ହେଲା ଆକୁମାରୀ ହିମାଚଳର ଗଗନ ପବନ । ଧନ୍ୟଧନ୍ୟ ମହାରାଷ୍ଟ୍ରର ବିପ୍ଳବୀ । ଦୀର୍ଘ ତିନି ମାସର ଖୋଜାଖୋଜି ପରେ ପ୍ରଥମେ ଧରା ପଡିଗଲେ ବିପ୍ଳବୀ ଦାମୋଦର । ବିଚାରର ପ୍ରହସନ ପରେ ତାଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଗଲା । ବିଚାର ବେଳେ ବିପ୍ଳବୀ ଦାମୋଦର ଯେଉଁ ଜମାନବନ୍ଦୀ ଦେଇଥିଲେ ତାହା ମୁକ୍ତିସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଘଟଣା । ତାଙ୍କର ବକ୍ତବ୍ୟ ଥିଲା ଆପୋଷରେ ଯେଉଁ ସ୍ୱଧୀନତା ଆସେ,ତାହା ପରାଧୀନତାର ରୂପାନ୍ତର ମାତ୍ର । ନତଜାନୁ ହୋଇ ଆତ୍ମସମ୍ମାନ ଭିକ୍ଷା କରିବା ଅପେକ୍ଷା,ଶକ୍ତି ଓ ସାମର୍ଥ୍ୟ ବଳରେ ଆତ୍ମସମ୍ମାନ ହାସଲ କରିବା ଶ୍ରେୟସ୍କର । ମୋର ପରମ ଆନନ୍ଦ ମୁଁ ଏହି ଅଭିଯାନ ଦ୍ୱାରା ମୋର ଦାୟୀତ୍ୱ ସମ୍ପାଦନ କରିବାକୁ ଯାଇ ମୃତ୍ୟୁଦଣ୍ଡ ପରି ସର୍ବୋଚ୍ଚ ପୁରସ୍କାର ପାଇଛି । ଏକ ସୁନ୍ଦର ଶାନ୍ତ ପ୍ରଭାତରେ ,ଭଗବତ୍ ଗୀତାକୁ ହସ୍ତରେ ଧାରଣକରି ,ଗର୍ବିତ ଠାଣିରେ ପୁନା ସେଂଟ୍ରାଲ ଜେଲ୍‌ର ଫାଶିମଂଚକୁ ଆରୋହଣ କଲେ ଦାମୋଦର । ତାର ଦୁଇବର୍ଷ ପରେ ହାଇଦ୍ରାବାଦର ନିଜାମ,ଅର୍ଥ ଲୋଭରେ ମଝିଆଁ ଭାଇ ବାଳକୃଷ୍ଣଙ୍କୁ ଧରାଇ ଦେଇଥିଲେ ଇଂରେଜ ସରକାରଙ୍କ ହସ୍ତରେ । ବଡଭାଇଙ୍କ ଫାଶୀ ଏବଂ ମଝିଆଁ ଭାଇଙ୍କ ଗ୍ରେପ୍ତାର, ଅଗ୍ନି ସଂଯୋଗ କରିଦେଲା କନିଷ୍ଠ ଭ୍ରାତା ବାସୁଦେବଙ୍କ ରକ୍ତରେ ।ବିପ୍ଳବୀ ରାଣାଡେ ମଧ୍ୟ ତାଙ୍କ ସାଙ୍ଗରେ ଯୋଗ ଦେଲେ । ପ୍ରତିଶୋଧ ପରାୟଣ ହୋଇ ସେମାନେ ପୋଲିସ ଦଲାଲ୍ ଗଣେଷ ଶଙ୍କର ଦ୍ରେଭିଡ ଓ ତାଙ୍କ ସାନଭାଇ ରାମଚନ୍ଦ୍ର ଦ୍ରେଭିଡଙ୍କୁ ନିର୍ମମ ଭାବରେ ହତ୍ୟା କଲେ । ଉଭୟ ବିପ୍ଳବୀ ଶେଷରେ ଧରାପଡି ଫାଶୀ ଦଣ୍ଡରେ ଦଣ୍ଡିତ ହେଲେ । ସେତେବେଳକୁ ବାଳକୃଷ୍ଣଙ୍କର ବିଚାର ମଧ୍ୟ ଶେଷ ହୋଇଯାଇଥିଲା । ଜ୍ୟେଷ୍ଠ ଭ୍ରାତାଙ୍କ ପଦାଙ୍କ ଅନୁସରଣ କରି ଆଗପଛ ହୋଇ ତିନି ବିପ୍ଳବୀ ଫାଶିମଂଚକୁ ଆରୋହଣ କଲେ । ୧୮୯୮ ଏପ୍ରିଲ ୧୮ରେ ଦାମୋଦର, ମେ ୮ରେ ବାସୁଦେବ ଏବଂ ୧୮୯୯ ମେ ୧୨ରେ ବାଳକୃଷ୍ଣଙ୍କର ପବିତ୍ର ଶରୀରକୁ ଆଲିଙ୍ଗନ କରି ଧନ୍ୟ ହୋଇଯାଇଥିଲା ପୁନା ସେଂଟ୍ରାଲ ଜେଲ୍‌ର ଫାଶିଖୁଂଟ ।ତିନି ତିନୋଟି ସନ୍ତାନକୁ ସ୍ୱାଧୀନତା ଯୁପକାଷ୍ଠରେ ବଳିରୂପେ ଉତ୍ସର୍ଗ କରିଦେଇଥିବା ସ୍ୱର୍ଣ୍ଣଗର୍ଭା ମାତା କିଏ? କଣ ଥିବ ତାଙ୍କର ମାନସିକ ଅବସ୍ଥା? ଏହି କଥା ଅଧ୍ୟୟନ କରିବାକୁ ସୁଦୁର କଲିକତାରୁ ସ୍ୱାମୀଜିଙ୍କ ମାନସ କନ୍ୟା ବିପ୍ଳବିଣୀ ଭଗ୍ନୀ ନିବେଦିତା ଯାଇଥିଲେ ପୁନା ସହରକୁ ।ପଦସ୍ପର୍ଶ କଲେ ଶିବମୂର୍ତି ସମ୍ମୁଖରେ ଧ୍ୟାନରତା ମହିୟସୀ ଚାପେକାର ଜନନୀଙ୍କର । ମୁଖ ମଣ୍ଡଳରେ ପ୍ରଶାନ୍ତିର ଆଭା, ଚକ୍ଷୁରେ କରୁଣାର ଝଲକ,ଶରୀରରେ ସନ୍ୟାସିନୀର ଆଧ୍ୟାତ୍ମିକ ଭାବ । ଧନ୍ୟ ସେହି ମାତା,ଧନ୍ୟ ମହାରାଷ୍ଟ୍ର ,ଧନ୍ୟ ଭାରତର ମୁକ୍ତି ସଂଗ୍ରାମ୍ ।

( ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମ ପୁସ୍ତକର ତଥ୍ୟ ଉପରେ ଆଧାରିତ)

,
ଈଶାଣୀବ୍ରହ୍ମପୁର,କଟକ । ମୋ-
୬୩୭୧୫୯୩୨୨୦

# ସ୍ୱନକ୍ଷତ୍ର ବିଶେଷାଙ୍କ

## 'ମାମେକଂ ଶରଣଂ ବ୍ରଜ'

**ଶ୍ରୀମତୀ ମଞ୍ଜୁଶ୍ରୀ ନାୟକ**

ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶ୍ରୀମୁଖ ନିସୃତ ଦୟାଲ ଦେଶରୁ ଅମୃତ ନିର୍ଝର - "ମୁଁ! ମୁଁ! ମୁଁ! ସମଗ୍ର ଜଗତଟାକୁ ପ୍ରେମସୂତ୍ରରେ ବାନ୍ଧିବା ପାଇଁ ପୁଣି ମୁଁ। ନୂତନ, ପୁରାତନ ନୁହେଁ, କେତେଥର ଆସିଥିଲି, ପୁଣି ଆସିଛି, ମହାଶାନ୍ତି ରାଜ୍ୟର ସେହି ବିରାଟ ଚାବି ମୋ ପାଖରେ ଅଛି.... ସେ ଚାବି ପ୍ରେମ। ମୁଁ ପରମ କାରଣ। ଅନନ୍ତ କୋଟି ଦେବତା, ଇନ୍ଦ୍ର, ଚନ୍ଦ୍ର, ବାୟୁ, ବରୁଣ, ବ୍ରହ୍ମଜ୍ୟୋତି, ସେହି ପରମ ପୁରୁଷ ଶ୍ରୀକୃଷ୍ଣ, ଶ୍ରୀକୃଷ୍ଣଙ୍କ ସତ୍ତା, ସତ୍ତ୍ୱ, ମୁଁ ହିଁ ସବୁ। ଯେତେବେଳେ ତୁମେମାନେ ସେଇ ବ୍ରଜଲୀଳାର ନିତ୍ୟ ରସରେ ମାତିଛ, ସେତେବେଳେ ମୁଁ ଘଟେ ଘଟେ ଶ୍ରୀକୃଷ୍ଣ। ପୁଣି ଯେତେବେଳେ ତୁମେମାନେ ନଦୀୟା ପଥର ଘାଟେ-ବାଟେ ହରିବୋଲ ବୋଲି ପ୍ରେମରେ ଉନ୍ମାଦ ହୋଇ ନୃତ୍ୟ କରିଛ, ସେତେବେଳେ ସର୍ବଘଟରେ ମୁଁ ଶ୍ରୀଚୈତନ୍ୟ, ଚୈତନ୍ୟ ଦାନ କରେ। ମୁଁ ହିଁ ପୁଣି ପ୍ରେମମୟ ରୂପରେ ସର୍ବଘଟରେ ପ୍ରେମଦାନ କରେ। ମୁଁ ହିଁ ଶ୍ରୀକୃଷ୍ଣ, ମୁଁ ଶ୍ରୀଚୈତନ୍ୟ, ମୁଁ ହିଁ ରାମକୃଷ୍ଣ, ମୁଁ ହିଁ ସବୁ, ମୁଁ ସବୁ। ମୁଁ ପ୍ରଥମେ ଏକ, ଇଚ୍ଛାରେ ବହୁ, ଶେଷରେ ଏକ, ତେଣୁ ମୁଁ କଲ୍କୀ, ପ୍ରଥମେ ଥିଲି ନିର୍ବିକାର, କିଛି ନଥିଲା, ତାପରେ ହେଲି ବିକାର, ପୁଣି ଇଚ୍ଛା ନିର୍ବିକାର ହେବାକୁ, ତେଣୁ କଲ୍କୀ ଅବତାର ରୂପେ ଆର୍ବିଭାବ। ମୋ ଭିତରେ ସବୁ ଅଛି। ଅନନ୍ତ ଶକ୍ତିର ଆଧାର ମୁଁ। ମୋତେ ଜାଣିପାରିଲେ ସବୁ ହେବ। ଥରେ ମାତ୍ର ମୋତେ ସ୍ପର୍ଶ କରିପାରିଲେ ପ୍ରାଣେ ମନେ ଅଜ୍ଞାତସାରରେ ମୁଁ ତାକୁ ସ୍ୱର୍ଗରାଜ୍ୟରେ ପହଞ୍ଚାଇ ଦିଏ, ପରେ ମୋର ସ୍ୱାରୂପ୍ୟଲାଭ ହୁଏ। ପୁଣି ସେହି ବଂଶୀ ଦିକ୍-ଦିଗନ୍ତେ ପ୍ରତିଧ୍ୱନିତ ହେଉଛି - ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। କି ଭୀଷଣ ଆର୍ତ୍ତନାଦ, କିଏ ଡାକେରେ - ଭୟ ନାହିଁ, ଭୟ ନାହିଁ, ମୁଁ ଅଛି ତୁମ ସମ୍ମୁଖରେ, ପ୍ରାଣ ଖୋଲି ଡାକ ହରି ହରି, ପ୍ରାଣ ଖୋଲି କୀର୍ତ୍ତନ କର, ମୋର ଅସ୍ତିତ୍ୱ ଜଗତରେ ଥାଉଁ ଥାଉଁ ଗୋଟିଏ ପ୍ରାଣୀ ମଧ୍ୟ ଯାଇପାରିବେ ନାହିଁ। ଦୌଡ଼ିଯା, କୀର୍ତ୍ତନର ଋଷିମାନେ ହରିନାମ ଗାଇ ଗାଇ ବୁଲୁଛନ୍ତି। ଅନନ୍ତ ପାପର ବୋଝ ମୋ ମଥାରେ ଚପାଇ ଦିଅ, ମୋତେ ବିଶ୍ୱାସ କର, ଥରେ ମାତ୍ର ଯଦି ପ୍ରାଣଖୋଲି ହରି ଡାକିବ, ଯଦି ତୁମ ସମ୍ମୁଖରେ କାଳ ଆସେ, ମହାକାଳ ଆସେ, ମୁଁ ମହାକାଳର ମହାକାଳତ୍ୱ ନଷ୍ଟ କରିଦେବି, ମୋତେ ଟିକେ ସ୍ଥାନ ଦିଅ ତୁମ ହୃଦୟରେ। ମୁଁ କିଏ? ମୁଁ ଭକ୍ତ, ମୁଁ ଭଗବାନ। ମୁଁ ପୂଜା ଦିଏ, ମୁଁ ହିଁ ପୂଜା ଗ୍ରହଣ କରେ। ମୁଁ ଅସୁର, ମୁଁ ଦେବତା। ମୁଁ ଗୁଣମୟୀ ପ୍ରକୃତି, ମୁଁ ହିଁ ନିର୍ଗୁଣ ପୁରୁଷ। ମୁଁ ହିଁ ଶତ୍ରୁ। ମୁଁ ମିତ୍ର। ମୁଁ ପ୍ରଶାନ୍ତ ମହାସାଗର, ମୁଁ ଅଭ୍ରଭେଦୀ ହିମଗିରି, ଦେଖ, ମୁଁ ହିଁ ସ୍ୱର୍ଗ, ମୁଁ ହିଁ ନରକ। ମୁଁ ହିଁ ମୋର ଯମ, ମୁଁ ହିଁ ମୋର ଦେବତା। ମୁଁ ଅହି, ମୁଁ ନକୁଳ! ମୁଁ ହିଁ ସାପ ହୋଇ କାମୁଡ଼େ। ମୁଁ ହିଁ ଓଝା ହୋଇ ଝାଡ଼େ। ମୁଁ ହିଁ କୁରୁକ୍ଷେତ୍ର। ମୁଁ ହିଁ ଭଗବାନ, ମିଁ ହିଁ ନରନାରାୟଣ, ଅର୍ଜ୍ଜୁନ! ଦେଖ ମୁଁ କିଏ? ମୋର ଅସ୍ତିତ୍ୱ କେଉଁଠି? ମୁଁ ସ୍ତ୍ରୀ, ପୁରୁଷ, କ୍ଲୀବ, ମୁଁ ଯା'-କିଛି ସବୁ, ପୁଣି ମୁଁ କିଛି ନୁହେଁ। କିଛି ନୁହେଁ ସେଇ ମୁଁ କେତେ ସୃଷ୍ଟି କରିଛି। କେତେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, କୃଷ୍ଣ, ବୁଦ୍ଧ, ଆଲ୍ଲା-ଖୋଦା, ଯୀଶୁ, କୋଟି କୋଟି ଅବତାର, ମୁଁ ସବୁ ହୋଇଥିଲି, ସବୁ ହେଉଛି ମୋର ଅବିରାମ ଗତି। ମୁଁ ସେଇ ଦୟାଲ ଦେଶ, ବ୍ରହ୍ମଦେଶ, ପିଣ୍ଡଦେଶ, ମୁଁ ସେଇ ବୃନ୍ଦାବନ, ମୁଁ କୃଷ୍ଣ, ରାଧା, ଗୋପ, ଗୋପୀ, ମୋର ଆରତି କରେ ଚନ୍ଦ୍ର, ସୂର୍ଯ୍ୟ, ତାରକା, କୋଟି କୋଟି ଗଗନ, ସବୁ ମୋର ଲୀଳା, ମୋରି ପ୍ରକଟ। ଯେ ଯାହା ଭାବେ, ମୁଁ ହୁଅଇ ତାହା, ପ୍ରାଣର କୋଣେ କେବଳ ଗୋଟିଏ ଅମଳ ଧବଳ ବିଶ୍ୱାସ ଲୋଡ଼ା। ଭକ୍ତ ନିକଟେ ଶାଳଗ୍ରାମ ଶିଳା, ଜ୍ଞାନୀ ନିକଟେ ମୁଁ ବ୍ରହ୍ମଭେଳା, ପତ୍ର ଦେଇ ପୂଜିଲେ ମୋତେ, ଛେଳି ହୋଇ ମୁଁ ଖାଏ ତାହା। ଚୋରକୁ ଦିଏ ମୁଁ ଚୋରୀର ସୁଯୋଗ, ସାଧୁଜନଙ୍କୁ କରଇ ଆଲିଙ୍ଗନ ମଦରବୋତଲ ହାତରେ ଧରି ମାତାଲ ଭାଇ ପଛେ କରେ ଗମନ। ନାସ୍ତିକ ନିକଟେ ନୁହେଁ ମୁଁ କିଛି, ଜ୍ଞାନୀ ନିକଟେ ମୁଁ ବ୍ରହ୍ମ ହୋଇ, ଡାକେ ମୋତେ ଯେ ଯେଉଁ ନାମରେ ତା ପାଶେ ଯାଏ ମୁଁ ସେଭଳି ହୋଇ।

+ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ନିଦାନ ବିଭାଗ, ପି.ଆର୍.ଏମ୍.
ମେଡ଼ିକାଲ କଲେଜ, ବାରିପଦା,
ଦୂରଭାଷ : ୯୪୩୮୩୬୯୫୪୯

"ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା ପରିଷଦ" ତରଫରୁ .....

॥ ଶୁଭେଚ୍ଛା ॥

ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ତାର ଦୀର୍ଘ ୩୭ ବର୍ଷ ଧରି ତା'ର ଯାତ୍ରା ପଥରେ ଆଗେଇ ଚାଲିଛି । ଏକ ଘରୋଇ ପରିଚାଳିତ ମହାବିଦ୍ୟାଳୟ ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରରେ ଏକ ସୁନ୍ଦର ଗ୍ରାମୀଣ ପରିବେଶରେ ସୁନାମ ଅର୍ଜ୍ଜନ କରିଥିବା କ୍ରୀଡ଼ା ଜଗତର ଏକ ଅନନ୍ୟ ପ୍ରତିଷ୍ଠାନ । ଏହି ଅନୁଷ୍ଠାନ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତିଆରି କରି ବ୍ୟାପକ ନିଯୁକ୍ତି ଦିଗ ସୃଷ୍ଟି କରି ପାରିଛି । ଏହି ଶାରୀରିକ ମହାବିଦ୍ୟାଳୟରେ ବହୁ ଛାତ୍ରଛାତ୍ରୀ ଅଧ୍ୟୟନ କରି କ୍ରୀଡାବିତ୍ ହେବାର ସୁବିଧା ସୁଯୋଗ ହାସଲ କରିଛନ୍ତି । 'ଧ୍ୱନି ପ୍ରତିଧ୍ୱନି'ର ୩୦ତମ ସ୍ୱନକ୍ଷତ୍ର ଦିବସ ଶୁଭ ଅବସରରେ ଉତ୍କଳର ସାହିତ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା, ଏହାର ପରିବାର ବର୍ଗଙ୍କୁ ଓ ଅଗଣିତ କ୍ରୀଡାବିତ୍‌ଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛୁଁ।

ଡଃ ଅଦ୍ୱୈତ କୁମାର ପାତ୍ର — ସଭାପତି
ଅଧ୍ୟାପକ ସୁଶାନ୍ତ କୁମାର ଦେ — ଭାରପ୍ରାପ୍ତ ଅଧ୍ୟକ୍ଷ
ଡଃ ଶ୍ରୀକାନ୍ତ ମିଶ୍ର — ସଭ୍ୟ ସଚିବ

with best Compliments from :
(M) 9439656277

SIDDHESWAR COLLEGE OF PHARMACEUTICAL SCIENCES

At/Po : Amarda Road- 756030
Dist : BALESWAR, ODISHA

Approved by Pharmacy Council of India,
New Delhi, Govt of Odisha
&
Affiliated to Odisha State Board of Pharmacy
Bhubaneswar

॥ ଅଭିନନ୍ଦନ ଓ ଶୁଭେଚ୍ଛା ॥

ସାଗରିକା

ଜେଲରୋଡ, ବାଲେଶ୍ୱର-୭୫୬୦୦୧
email. sagarika.bls2010@gmail.com




BIT POLYTECHNIC
(AN ISO 9001:2008 CERTIFIED INSTITUTION)
SOMANATHPUR, BALASORE
(A SISTER CONCERN OF SAMALPUR ITI, BALASORE)

| DIPLOMA | | ITI | |
|---|---|---|---|
| MECHANICAL ENGG. | 120 | FITTER | 210 |
| ELECTRICAL ENGG. | 60 | ELECTRICAN | 189 |
| CIVIL ENGG. | 30 | REF. & A.C. | 21 |
| COMP.SC & ENGG. | 30 | ELECTRONIC | 42 |
| ETC. ENGG. | 30 | WELDER | 28 |

MAJOR STRENGTH
- MODERN COMPUTER CENTER
- PROPER ARRANGEMENT OF LABORATORIES & WORKSHOP
- HOSTEL INSIDE THE CAMPUS
- OWN TRANSPORT FACILITIES

(IN DIPLOMA FREE ADMISSION FOR ST/SC STUDENTS)
FOR ADMISSION CONT. 9861947995, 8270317712
E-mail: bit_balasore@rediffmail.com, Website: www.bitpolytech.org

## ଦାରିଦ୍ର୍ୟ ଉନ୍ମୂଳନ ଯୋଜନାର ଗତି କୁଆଡ଼େ?

**ଶରତ କୁମାର ରାଉତ**

ଓଡ଼ିଶାରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଗରିବୀ ବଢି ଚାଲିଛି ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଅନାହାର, ଅଳ୍ପାହାର ଓ ଅର୍ଦ୍ଧାହାର ଜନିତ ଆର୍ତ୍ତ ଚିତ୍କାର ଶୁଣିବାକୁ ମିଳୁଛି। ଚଳିତ ବଜେଟ୍ ପୁସ୍ତିକାରେ ରାଜ୍ୟରେ ୭୦ ଲକ୍ଷ ପରିବାର ବା ଅତି କମ୍‌ରେ ୨କୋଟି ୮୦ ଲକ୍ଷ ଲୋକେ ଗରିବ ଅଛନ୍ତି ବୋଲି ସରକାର ସ୍ୱୀକାର କରିବା ଘଟଣା ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀ ମାନଙ୍କୁ ସ୍ତବ୍ଧ କରିଦେଇଛି । ଅନେକ ବର୍ଷ ତଳୁ ଆମଦେଶରେ ଗରିବୀ ହଟାଇବାକୁ ଜୋରଦାର ଉଦ୍ୟମ ଚାଲିଆସିଛି। ମାତ୍ର ବର୍ଷ ପରେ ବର୍ଷ ଅତିକ୍ରମ କରି ଚାଲିଥିଲେ ହେଁ ଗରିବି ହଟୁନି! ତେବେ କିଛି ବର୍ଷ ତଳୁ ଏହାକୁ ଏକ ନୂଆ ରୂପ ଦିଆଯାଇଛି । ଅର୍ଥାତ୍ ପୂର୍ବରୁ କେବଳ ଦାରିଦ୍ର୍ୟ ସୀମାରେଖା ତଳେ ଗରିବୀ ଥିଲା, ଏବେ ଏହାଠୁ ବି ଲୋକେ ତଳେ ଅଛନ୍ତି । ଏହାକୁ ଇଂରାଜୀରେ କହନ୍ତି, ବିଲୋ ପଭର୍ଟି ଲାଇନ୍ ଓ ଏହାର ସଂକ୍ଷିପ୍ତ ନାମ ହେଉଛି ବିପିଏଲ୍ । ସାଂପ୍ରତିକ ପରିସ୍ଥିତିରୁ ଜଣା ପଡୁଛି ଯେ, ନିକଟ ଭବିଷ୍ୟତରେ ଏହାର ରୂପ ଆଉ କିଛି ବଦଳିପାରେ। ଯେହେତୁ ବିପିଏଲ୍ ତଳେ ବି ଲୋକେ ରହିଥିବା ସ୍ପଷ୍ଟ ଦେଖା ଯାଉଛି । କ୍ରମେ ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉ ଥିବା କୁହା ଯାଉଥିଲେ ହେଁ ଏଥିନେଇ ବିଭିନ୍ନ ମହଲରେ ସନ୍ଦେହ ହେଉଛି। ସରକାରୀ ରିପୋର୍ଟ ଅନୁଯାୟୀ ୧୯୭୭-୭୮ମସିହାରେ ଦେଶର ଗ୍ରାମାଞ୍ଚଳରେ ୫୩.୧ ଭାଗ ଓ ସହରାଞ୍ଚଳରେ ୪୫.୨ ଭାଗ ଲୋକେ ଦରିଦ୍ର ଥିଲାବେଳେ ୧୯୮୩ ରେ ଏହା ଯଥାକ୍ରମେ ୪୫.୭ ଓ ୪୦.୮ ଭାଗ,୧୯୯୯-୨୦୦୦ରେ ୨୭.୧ ଓ ୨୩.୬ ଏବଂ ୨୦୦୭ ରେ ୨୧.୧ ଓ ୧୫.୧ରେ ପହଞ୍ଚିଥିଲା। ଜାତୀୟ ନମୂନା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ଦେଶରେ ୧୫% ଦାରିଦ୍ର୍ୟ କମିଥିଲା। ଆଉରି ମଧ୍ୟ ୨୦୧୬ ସୁଦ୍ଧା ଏହା ୧୫% କୁ କମିବାର ଆଶାବ୍ୟକ୍ତ କରାଯାଇଥିଲା। କିନ୍ତୁ ଏବେର ସର୍ଭେ ରିପୋର୍ଟ ଆଧାରରେ ଏହି ହିସାବରେ ପରିବର୍ତ୍ତନ ହୋଇ ଯାଇଛି। ଚଳିତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ଦେଶରେ ବିହାର ସବୁଠୁ ଦରିଦ୍ରତମ ରାଜ୍ୟ, ଯେଉଁଠି ଦାରିଦ୍ର୍ୟ ହାର ୩୩.୭୦% ରହିଛି। ଦାରିଦ୍ର୍ୟର ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ଏଠାରେ ୩୨.୫୯% ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ସେହିପରି ଓଡ଼ିଶାରେ ମୁଣ୍ଡପିଛା ଆୟ ନୈରାଶ୍ୟଜନକ ରହିଛି। ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୯୨,୫୬୮ ଟଙ୍କା ଥିବାବେଳେ ଓଡ଼ିଶାରେ ୬୯,୮୬୪ ଟଙ୍କା, ହରିୟାନାରେ ୧,୫୭,୬୪୯ଟଙ୍କା, ଗୁଜୁରାଟରେ ୧,୪୪.୦୯୦, ହିମାଚଳ ପ୍ରଦେଶରେ ୧,୨୮,୪୪୦ ଟଙ୍କା, ଆନ୍ଧ୍ରପ୍ରଦେଶରେ ୧,୦୬,୮୬୪ଟଙ୍କା, ମଧ୍ୟପ୍ରଦେଶରେ ୫୫,୬୭୭୯ଟଙ୍କା, ଆସାମରେ ୫୭,୦୯୯ଟଙ୍କା, ଉତ୍ତର ପ୍ରଦେଶରେ ୪୧,୦୮୨ ଟଙ୍କା ଓ ବିହାରରେ ୪୩,୮୨୨ଟଙ୍କା, ମହାରାଷ୍ଟ୍ରରେ ୧,୪୧,୧୫୨ ଟଙ୍କା, କର୍ଣ୍ଣାଟକରେ ୧,୪୨,୯୪୩ ଟଙ୍କା, କେରଳରେ ୧,୩୬,୩୬୪ ଟଙ୍କା, ପଞ୍ଜାବରେ ୧,୧୦,୮୩୫ ଟଙ୍କା ରହିଛି। କିନ୍ତୁ ୪ବର୍ଷ ତଳୁ ଗରିବ ସଜ୍ଞା ବଦଳି ଯାଇଛି। ସହରାଞ୍ଚଳରେ ୪୭ଟଙ୍କା ଓ ଗ୍ରାମାଞ୍ଚଳରେ ୩୨ଟଙ୍କା ଖର୍ଚ୍ଚ କରୁଥିବା ଲୋକ ଗରିବ ନୁହଁନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି। ସି.ରଙ୍ଗରାଜନ୍ କମିଟି ରିପୋର୍ଟ ଅନୁଯାୟୀ ମୁଣ୍ଡପିଛା ବ୍ୟୟ ଆଧାରରେ ୨୦୦୯-୧୦ରେ ଦେଶରେ ଗରିବଙ୍କ ସଂଖ୍ୟା ୩୮.୨% ଅର୍ଥାତ୍ ୪୫.୪୦କୋଟି ଥିଲାବେଳେ ୨୦୧୧-୧୨ରେ ୨୯.୫% ବା ୩୬.୩୦କୋଟି ଥିଲା। ସୂଚନାଯୋଗ୍ୟ ଯେ, ଏହା ପୂର୍ବର ତେନ୍ଦୁଲକର କମିଟି ରିପୋର୍ଟରେ ସହରାଞ୍ଚଳରେ ୩୩ଟଙ୍କା ଓ ଗ୍ରାମାଞ୍ଚଳରେ ୨୭ଟଙ୍କା ଖର୍ଚ୍ଚ କରୁଥିବା ଲୋକ ଗରିବ ନୁହଁନ୍ତି ବୋଲି କୁହାଯାଇଥିଲା ଓ ଏହି ଅନୁସାରେ ଦେଶରେ ୨୦୦୯-୧୦ରେ ଗରିବଙ୍କ ସଂଖ୍ୟା ୨୯.୮% ବା ୩୫.୪୦କୋଟି ଥିଲାବେଳେ ୨୦୧୧-୧୨ରେ ୨୧.୯% ବା ୨୬.୯୦ କୋଟିକୁ ହ୍ରାସ ପାଇଥିଲା। ବାସ୍ତବତା ଦେଖାଗଲେ, ଗରିବ କିଏ ଓ ଧନୀ କିଏ, ତାହା ଚିହ୍ନଟ କରିବାରେ ଆଜି ପର୍ଯ୍ୟନ୍ତ ସରକାରୀ କଳ ବିଫଳ ହୋଇ ଆସିଛି। ଗରିବ ଚିହ୍ନଟ ପ୍ରକ୍ରିୟା ପ୍ରସ୍ତୁତରେ ବ୍ୟାପକ ଭୁଲ୍ ରହିଛି। ବର୍ତ୍ତମାନ ଗରିବ ଚିହ୍ନଟ ପାଇଁ ଯେଉଁ ମାପଦଣ୍ଡ ନିର୍ଦ୍ଧାରଣ ହୋଇଛି, ତାହା ପ୍ରମାଣିତ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନ୍ୟାସନାଲ୍ ସାମ୍ପ୍ୟୁଲ୍ ସର୍ଭେ (ଏନ୍‌ଏସ୍‌ଏସ୍) ଅଧିକାରୀ/କର୍ମଚାରୀ ମାନେ ଗୋଟିଏ ଘରେ ପହଞ୍ଚି ମୁଖିଆଙ୍କୁ ତାଙ୍କର ଆର୍ଥିକ ସ୍ଥିତି ସଂପର୍କରେ ଯାହା ବି ପଚାରନ୍ତୁ ବା ଅନୁସନ୍ଧାନ କରନ୍ତୁ ନା କାହିଁକି, ପ୍ରାୟତଃ ମୁଖିଆ ଗରିବ ମାପଦଣ୍ଡ ଭିତରେ ତାଙ୍କର ସ୍ଥିତି ରହିଥିବା କହୁଛନ୍ତି ଓ ଲୋକ ପ୍ରତିନିଧିମାନେ ଏଥିରେ ନିଜ ସମ୍ମତିର ମୋହର ମାରୁଛନ୍ତି ବା ଏଥିପାଇଁ ସୁପାରିଶ କରୁଛନ୍ତି, ଯାହା ସେମାନେ ସ୍ୱାଧୀନତା ପରଠାରୁ କରି ଆସୁଛନ୍ତି। ଯଦ୍ୱାରା ଧନୀ ଲୋକେ ମଧ୍ୟ ଗରିବ ତାଲିକାରେ ସ୍ଥାନ ପାଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଅନ୍ତର୍ଭୁକ୍ତ ହେବାକୁ ଲାଞ୍ଚ ଓ ସୁପାରିଶ ଦରକାର ଥିବାରୁ ଗରିବ ମଣିଷର ଭବିଷ୍ୟତ ଅନ୍ଧକାର ଭିତରେ ହଜି ଯାଇଛି। ଗାଁରେ ମୁଖ୍ୟତଃ ଶାସକ ଦଳର କୁଜି ନେତାମାନେ ଦଳୀୟ ଭୋଟ୍ ବ୍ୟାଙ୍କ୍ ବଢାଇବା ପାଇଁ ସତ-ମିଛ ଏପଟସେପଟ କରୁଛନ୍ତି। ସେହିପରି ଅଧିକାରୀ ମାନେ ମଧ୍ୟ ଶାସକ ଦଳ ନେତାଙ୍କ କଥାରେ ଭାସିଯାଇ ବିପିଏଲ୍ ହେଉ କି ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଖୋଲାଖୋଲି ଉଲଂଘନ କରି ଆସୁଛନ୍ତି। ଏସବୁ ପ୍ରତି ସରକାର ଦୃଷ୍ଟି ନଦେବା ଦୁଃଖ ଦାୟକ। ବାସ୍ତବତା ଦେଖାଗଲେ, ବିଭିନ୍ନ ଉନ୍ନୟନ ଯୋଜନାର ହିତାଧିକାରୀ ତାଲିକାରେ ବହୁ ଧନୀ, ସରକାରୀ ଚାକିରିଆ, ଅଙ୍ଗନବାଡ଼ୀ କର୍ମୀ ଆଦି ସାମିଲ ହେଉଥିବା ବେଳେ ଭୂମିହୀନ, ବିପିଏଲ, ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ ହିତାଧିକାରୀ ମାନେ ବାଦ ପଡୁଛନ୍ତି। ହିତାଧିକାରୀ ଚିହ୍ନଟ ପାଇଁ ଠିକ୍ ଭାବେ ସରକାରୀ ନିୟମ ପାଳନ କରାଯାଉ ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ଅଙ୍ଗନୱାଡ଼ୀ କର୍ମୀ ଓ ୱାର୍ଡ଼ମେମ୍ବରଙ୍କ ହାତରେ ଛାଡ଼ି ଦିଆ ଯାଉଛି। ତେବେ ଧନୀ-ଦରିଦ୍ର ନିର୍ବିଶେଷରେ ଶାସକ ଦଳ ସମର୍ଥକ ମାନଙ୍କୁ ଏଥିରେ ସାମିଲ କରା ଯାଉଥିବା ଅଭିଯୋଗ ହେଉଛି। ହିତାଧିକାରୀ ଚିହ୍ନଟ ନାଁରେ ଗଣତନ୍ତ୍ରକୁ ହତ୍ୟା କରାଯିବାର ଉଦ୍ୟମ ବୁଦ୍ଧିଜୀବୀ ମହଲକୁ ସ୍ତବ୍ଧ କରି ଦେଇଛି। ସେହିପରି ସରକାଙ୍କ "କାଳିଆ" ଯୋଜନା ସତରେ କ'ଣ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେଉଛି? ବାସ୍ତବତା ହେଲା, ଆମ ରାଜ୍ୟରେ ଦାରିଦ୍ର୍ୟ ସଂଖ୍ୟା ବଢୁଛି। ଏପରିକି ଦାରିଦ୍ର୍ୟ ତାଲିକାରେ ଥିଲେ ମଧ୍ୟ ଅନେକଙ୍କ ପାଖରେ ମୌଳିକ ସୁବିଧା ପହଂଚୁ ନାହିଁ ବା ଅନ୍ୟମାନେ ତା' ଭାଗ ଲୁଟ୍ କରୁଛନ୍ତି। ତେବେ ଶହଶହ ଯୋଜନା କରିଦେଲେ ଯେ, ଦାରିଦ୍ର୍ୟ ହଟିଯିବ, ତାହା କେବେ ବି ସମ୍ଭବ ନୁହେଁ। ଆଜି ମଧ୍ୟ ଆମର ଅନୁନ୍ନତ ଓ ଗରିବ ଜିଲ୍ଲା ଭାବେ ପରିଚିତ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଓ ନୂଆପଡ଼ା ନିଜ ଭାଗ୍ୟ ଓ ଭବିଷ୍ୟତ ସହ ଲଢୁଛନ୍ତି। ଆମର ସମସ୍ତ ଭିତିଭୂମି ଥାଇପାରେ, ହେଲେ ନେତା ଓ ପ୍ରଶାସକ ମାନଙ୍କର ଗରିବ ଓ ଅନ୍ୟ ମାନଙ୍କ ପ୍ରତି ଟିକେ ସେବା ଭାବ ଦରକାର। ଆନ୍ତରିକତାର ସହ ସେମାନେ କାର୍ଯ୍ୟ କଲେ, ବହୁ ଶୀଘ୍ର ସାରା ରାଜ୍ୟରୁ ଦାରିଦ୍ର୍ୟ ଦୂରେଇ ଯାଆନ୍ତା, ଆମ ରାଜ୍ୟ ସଶକ୍ତ ଓଡ଼ିଶାରେ ପରିଣତ ହୁଅନ୍ତା। ଏହା କ'ଣ ସତ ନୁହେଁ ଯେ, ଆମ ଦେଶରେ ଅଧିକାଂଶ ଆଇନ କାନୁନ୍ ବା ସରକାରୀ ଯୋଜନା ହାସ୍ୟାସ୍ପଦ ହୋଇଛି? ଯଦିଓ ସଠିକ୍ ଭାବେ ଗରିବ ମଣିଷକୁ ଚିହ୍ନଟ କରାଯାଇଥାନ୍ତା, ତେବେ ଦେଶରୁ ଦାରିଦ୍ର୍ୟ ବହୁ ପରିମାଣରେ ହଟି ସାରନ୍ତାଣି। ଏବେ ଏ ସଂପର୍କରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଛି । ଜନ ପ୍ରତିନିଧିମାନେ ରାଜନୀତିର ଉର୍ଦ୍ଧ୍ୱରେ ରହି ସମାଜରୁ ଦାରିଦ୍ର୍ୟ ଉନ୍ମୂଳନ ପାଇଁ କର୍ତ୍ତବ୍ୟ କରିବା ଉଚିତ । ଛୋଟ ଛୁଆକୁ ଖାଦ୍ୟ, ମା'କୁ କପଡା, ଗୃହଶୂନ୍ୟକୁ ଘର ଓ ମୂଲିଆକୁ କାମ ସର୍ବୋପରି ଗାଁର ଗରିବ ମଣିଷକୁ ରୋଜଗାର ଯୋଗାଇ ଦେବାର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,ଭୁବନେଶ୍ୱର
ମୋ-୯୩୩୭୩୬୯୪୪୮

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମ୍ପର୍କ ଲୋଡ଼ା...

ଗୁରୁବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ କେବଳ ୭୫ ହଜାର ୭୬୦ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇନାହାନ୍ତି, ଅପରପକ୍ଷେ ଭାରତର ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ୩୩ ଲକ୍ଷ ଟପିଛି । ଏଥିସହ ମୃତ୍ୟୁସଂଖ୍ୟା ମଧ ୬୦ ହଜାର ପାର କରିଛି । ଦେଶରେ ବିଗତ ତିନିଦିନର କରୋନା ସଂକ୍ରମଣ ସଂଖ୍ୟାକୁ ଯଦି ତର୍ଜମା କରି ଦେଖାଯାଏ, ତେବେ ପ୍ରତିଦିନ ଏହି ସଂଖ୍ୟା ୬୦ ହଜାର ଉପରେ ରହିଛି ଏବଂ ମୃତ୍ୟୁସଂଖ୍ୟା ମଧ ୧ହଜାରର ନିକଟବର୍ତ୍ତୀ ହୋଇଚାଲିଛି । ଏହା କୌଣସି ଦୃଷ୍ଟିରୁ ଉତ୍ସାହଜନକ ନୁହେଁ ବୋଲି ସ୍ୱୀକାର କରିବାକୁ ପଡ଼ିବ । ତେବେ ଆଶ୍ୱସ୍ତିକର କଥା ଯେ, ଏବେସୁଦ୍ଧା ୨୫ ଲକ୍ଷ ୨୩ ହଜାର ୭୭୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ପାରିଛନ୍ତି । ତେଣୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭ ଲକ୍ଷ ୨୬ ହଜାର ପାଖାପାଖି ରହିଛି । ଭାରତରେ କରୋନା ସଂକ୍ରମଣ ଆରମ୍ଭ ହେବା ପରଠାରୁ ସରକାରୀ ସ୍ତରରେ ରହିଥିଲେ ସୁଦ୍ଧା ଦିନକୁ ଦିନ ବୃଦ୍ଧି ପାଉଥିବା ପଜିଟିଭଙ୍କ ସଂଖ୍ୟା ସମସ୍ତଙ୍କୁ ଚିନ୍ତାରେ ପକାଇଦେବା ସୁନିଶ୍ଚିତ । ଏହି ସ୍ଥିତିକୁ ଦେଖି କେନ୍ଦ୍ର ତଥା ରାଜ୍ୟ ସରକାରମାନେ ସମୟାନ୍ତରରେ କରୋନା ମୁକାବିଲା ରଣନୀତିରେ ଆଭିମୁଖ୍ୟ ପରିବର୍ତ୍ତନ କରି ଚାଲିଛନ୍ତି । ଏଭଳି ପରିବର୍ତ୍ତନ ଯେତିକି ଜରୁରି ସେଗୁଡ଼ିକର ଅନୁପାଳନ ସେତିକି ଅତ୍ୟାବଶ୍ୟକ । ଭାରତ ଭଳି ୧୩୦ କୋଟିରୁ ଅଧିକ ଜନସଂଖ୍ୟାବିଶିଷ୍ଟ ରାଜ୍ୟରେ ଯେକୌଣସି ଆଚରଣଗତ ଶୃଙ୍ଖଳା ଅନୁପାଳନ ଏକ ବିରାଟ ସମସ୍ୟା । କିନ୍ତୁ ବିଗତ କିଛି ମାସ ମଧ୍ୟରେ ମହାମାରୀ ମୁକାବିଲା କରିବାରେ ଦେଶବାସୀ ଦେଖାଇଥିବା ସହଯୋଗ ଏ ଦିଗରେ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି । ତେଣୁ ଏହି ମହାମାରୀକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିଥିଲେ ସୁଦ୍ଧା ତାହାକୁ ରୋକିବାଜନିତ ସଫଳତା ଏବେ ସୁଦ୍ଧା ହାତରେ ଲାଗିନାହିଁ । ସେହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମରୁ ଏହାକୁ କରୋନା ବିରୋଧରେ ଦେଶବାସୀଙ୍କୁ ସମୂହ ସଂଗ୍ରାମର ଆଖ୍ୟା ଦେଇଛନ୍ତି ଏବଂ ସମୟାନ୍ତରରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ଏହାର ଶ୍ରେୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ସହ ଏହି ସଂଗ୍ରାମରେ ସାମିଲ ହୋଇଥିବା ଲକ୍ଷ ଲକ୍ଷ କରୋନା ଯୋଦ୍ଧାଙ୍କୁ ଦେଇଛନ୍ତି । କିନ୍ତୁ ଆମର ଶାସ୍ତ୍ର କହେ- ଯେପର୍ଯ୍ୟନ୍ତ ଲକ୍ଷ ସାଧନ ନହୋଇଛି ସେପର୍ଯ୍ୟନ୍ତ ଆମକୁ ଜାଗ୍ରତ ରହିବାକୁ ପଡ଼ିବ । ଅର୍ଥାତ୍, ସଂଗ୍ରାମ ଜାରି ରଖିବାକୁ ହେବ । ଯେକୌଣସି ବିପତ୍ତିର ମୁକାବିଲା ସକାଶେ ପ୍ରଥମେ ଯେଉଁ ଆଚରଣଗତ ଶୃଙ୍ଖଳା ଆବଶ୍ୟକ ତାହା ହେଲା, ନିଜକୁ ସୁରକ୍ଷିତ ରଖିବା । କାରଣର ନିଜେ ସୁରକ୍ଷିତ ନରହିଲେ କଦାପି କୌଣସି ସଂଗ୍ରାମରେ ବିଜୟ ଲାଭ କରିହେବ ନାହିଁ । ତେଣୁ ସାମାଜିକ ଦୂରତା ରକ୍ଷା, ବାହ୍ୟ ବିଚରଣ ଉପରେ ନିୟନ୍ତ୍ରଣ, ମୁହଁରେ ମାସ୍କ ପିନ୍ଧିବା ଏବଂ ସର୍ବୋପରି ନିଜ ହାତଗୋଡ଼କୁ ବାରମ୍ବାର ସାବୁନରେ ଧୋଇ ପରିଷ୍କାର ରଖିବା ଉପରେ ଚିକିତ୍ସକମାନଙ୍କ ଠାରୁ ଆରମ୍ଭ କରି ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି । ସୌଭାଗ୍ୟର କଥା, ଏବେ ଏହା ସାଧାରଣ ଲୋକଙ୍କ ଜୀବନଶୈଳୀ ଅଭ୍ୟାସରେ ପରିଣତ ହୋଇସାରିଲାଣି । ଏପରିକି ଯେଉଁ ଅମାନିଆମାନେ ଏହାକୁ ଗ୍ରହଣ କରୁନଥିଲେ ସେମାନେ ସୁଦ୍ଧା ସତର୍କ ହୋଇସାରିଛନ୍ତି । କରୋନା ମହାମାରୀର ପ୍ରଭାବ ଅର୍ଥନୀତିଠାରୁ ଆରମ୍ଭ କରି ଜୀବନର ପ୍ରତ୍ୟେକ କ୍ଷେତ୍ର ଉପରେ ପଡ଼ିଛି । ଏହା କେବଳ ଭାରତର ସମସ୍ୟା ନୁହେଁ, ଏକ ଜାଗତିକ ସଂକଟ ରୂପେ ଉଭା ହୋଇଛି । ଦେଶ ତଥା ବିଶ୍ୱର ଲକ୍ଷ ଲକ୍ଷ ଉଦ୍ୟୋଗ ଠପ୍ ହୋଇଯାଇଛି । ଉତ୍ପାଦନ ହ୍ରାସ ପାଇଛି । ପରିବହନ ସଂକୁଚିତ ହୋଇଛି । ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ସେହିପରି ଅବସ୍ଥାରେ ସବୁକିଛିକୁ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ନିମନ୍ତେ ଦୁନିଆର ପ୍ରତ୍ୟେକ ରାଷ୍ଟ୍ର ଏବେ ପ୍ରୟାସରତ । ଭାରତ ସେଥିରୁ ବାଦ୍ ପଡ଼ିନାହିଁ, ବରଂ ଅଧିକ ସକ୍ରିୟତାର ସହ ନିଜର କାର୍ଯ୍ୟ ଜାରି ରଖିଛି । ଏବେ କରୋନା ଆତଙ୍କ ଦେଶର କୋଟି କୋଟି ଶିକ୍ଷାର୍ଥୀଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି । କେବଳ ଶିକ୍ଷାର୍ଥୀ ନୁହନ୍ତି, ସେମାନଙ୍କ ମାତାପିତା ଓ ପରିବାରଙ୍କ ଆଶା ଆକାଂକ୍ଷା ମଧ ଏଥିସହିତ ଜଡ଼ିତ । ସେଥିପାଇଁ ଶିକ୍ଷାନୁଷ୍ଠାନ ନଖୋଲିଲେ ସୁଦ୍ଧା ଅନଲାଇନରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଲାଭକୁ କିଭଳି ଭାବେ ଜାରି ରଖିହେବ ଏବଂ ସେମାନଙ୍କୁ ଆଗକୁ ବଢ଼ିବାରେ ସୁଯୋଗ ମିଳିପାରିବ, ଏ ଦିଗରେ ସରକାର ଓ ଯୋଜନାକାରମାନେ ପ୍ରୟାସ କରୁଛନ୍ତି । ଦେଶରେ ନିଟ୍ ଏବଂ ଜେଇଇ ପରୀକ୍ଷା କରାଯିବା ଉଚିତ ହେବକି ନାହିଁ ଏହାକୁ ନେଇ କେନ୍ଦ୍ର ଓ କତିପୟ ରାଜ୍ୟ ସରକାରଙ୍କ ମଧ୍ୟରେ ମତଭେଦ ଉତ୍ପନ୍ନ ହୋଇଛି । ମତପାର୍ଥକ୍ୟ ରହିବା ସ୍ୱାଭାବିକ । କିନ୍ତୁ ଏହାର ସମାଧାନ ରହିବା ସକାଶେ ଉଭୟପକ୍ଷ ସେହିଭଳି ସହଯୋଗର ମାନସିକତା ପ୍ରଦର୍ଶନ କରିବା ଉଚିତ । କାରଣ ଉଭୟପକ୍ଷ ବିଦ୍ୟାର୍ଥୀଙ୍କ ହିତ ପାଇଁ ହିଁ ଚିନ୍ତାଶୀଳ । ତେଣୁ ଏହି ପ୍ରସଙ୍ଗକୁ ଅଧିକ ଜଟିଳ କରାନଯାଇ ଯଦି ସହମତ ଭିତ୍ତିରେ ସମାଧାନ ପନ୍ଥା ବାହାର କରାଯିବ ସେଥିରେ ସମସ୍ତଙ୍କର ମଙ୍ଗଳ । ଅନ୍ୟଥା ଗୋଟିଏ ପ୍ରସଙ୍ଗର ମତଭେଦ ଅନ୍ୟ ପ୍ରସଙ୍ଗ ଉପରେ ଭିନ୍ନ ମତ ପୋଷଣ ପାଇଁ ସୁଯୋଗ ସୃଷ୍ଟି କରିବ । ଏହା ନା ବିଦ୍ୟାର୍ଥୀଙ୍କ ପାଇଁ ହିତକର, ନା ଦେଶ ଲାଗି ଶୁଭଙ୍କର । ଏକଥା ସମସ୍ତ ପକ୍ଷ ହୃଦୟଙ୍ଗମ କରିବା ବାଞ୍ଛନୀୟ ।




## ଆସୁଛି ନୂଆ ସକାଳ...

**ସୁଧାକର ରାଉତ**

ଶୁଣ କରୋନା
ତୋର ଯାତନା
ବେଳୁ ବେଳ ବଢ଼ି ସହି ହୁଏନା ।
ଯେ ଛଅ ମାସ
ନେଲା ହରଷ
ଘରେ ରହି ରହି ଲାଗୁଛି ବିଷ ।
ଆମ ବିଦ୍ୟାଳୟ
କି ଅସହାୟ
ହୋଇଛି ତୋ ପାଇଁ ଆରେ ନିର୍ଦ୍ଦୟ ।
ଆମର ପାଠ
ହୋଇଛି ଠପ୍
ମୋବାଇଲ୍ ଦେଖାଏ ତା ନୂଆ ରୂପ ।
ସାଥୀ ନା ସାଙ୍ଗ
ଲାଗେ ନିଃସଙ୍ଗ
ଖେଳ ପଡ଼ିଆ ବି ଦିଶେ ବେରଙ୍ଗ ।
ସ୍କୁଲ ସମୟ
ହେଲେ ଅଥୟ
ମନ କରେ ସିନା ଘାରେ ତୋ ଭୟ ।
ଯେତେ ପରବ
କିଏ ସେ ଦେବ
ତୋ ଲାଗି ହଜିଲା ତାଙ୍କ ଗୌରବ
ଗୁରୁ ଦିବସ
ଭରେ ହରଷ
ଗଣେଷ ପୂଜା ଭଳି ହେବ ଶେଷ ।
ଭକତି ଭରେ
ଗୁରୁ ପୟରେ
ନମିଥାନ୍ତୁ ଆଶୀର୍ବାଦ ଆଶରେ ।
ଦୁଃଖ ତୁ ଦେଉ
କି ଲାଭ ପାଉ
ତୋର ବେଶୀ ଦିନ ନାହିଁରେ ଆୟୁ ।
ସୁଖ ସୁରୁଯ
ଖୁସି ମୁରୁଜ
ବୁଣିବାକୁ ହେଲାଣି ସଜବାଜ ।
ଆମ ସାହସ
ଆତ୍ମବିଶ୍ୱାସ
ଥିଲେ ତୁ ଭୂତାଣୁ କରିବୁ କିସ ।
ରୁଦ୍ଧ ଶୈଶବ
ହସି ଉଠିବ
ପାପର ତୁ ଲଭିବୁ ପରାଭବ ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ସରକାରଙ୍କ ନଗରବନ ଯୋଜନା- ଅନେକ ସମସ୍ୟାର ସମାଧାନ

**ନଳିନୀ କୁମାର ପଣ୍ଡା**



ପ୍ରତ୍ୟେକ ବର୍ଷ ଜୁନ୍‌ମାସ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଏ । ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମ ଦ୍ୱାରା ପ୍ରଦତ୍ତ ବିଷୟବସ୍ତୁ ଆଧାରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବା ପ୍ରତିଯୋଗିତା ଅନୁଷ୍ଠିତକରି ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହାକୁ ପାଳନ କରେ । ଏ ବର୍ଷ ମଧ ବର୍ତ୍ତମାନର କରୋନା ମହାମାରୀ ପରିସ୍ଥିତିରେ ଭର୍ଚୁଆଲ ଉତ୍ସବ ପାଳନ ଅବସରରେ ଏଥରର ବିଷୟବସ୍ତୁ ଜୈବବିବିଧତା ସହିତ ନଗରବନ ବା ସହରବନ ଉପରେ ସଂପୂର୍ଣ୍ଣ ଧ୍ୟାନ ଦିଆଯାଇଛି । ଏହି ଉତ୍ସବରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରକାଶ ଜାଭେଡକର ଜୀ ଆଗାମୀ ପାଂଚ ବର୍ଷ ମଧ୍ୟରେ ଭାରତର ୨୦୦ ସହରରେ ନଗରବନ ବା ସହରବନ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ବିଳମ୍ବରେ ହେଲେ ମଧ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଓଡିଶା ସରକାର ମଧ ନଗରବନ ଯୋଜନାରେ ଆମ ରାଜ୍ୟର ୫ଟି ମହାନଗର ଯଥା କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ଠାରେ ୧୩ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ସହରବନ ପ୍ରତିଷ୍ଠା କରିବେ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମକେଶରୀ ଆରୁଖ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ଫଳରେ କଂକ୍ରିଟ୍ ଜଙ୍ଗଲ ମାଡ଼ି ଚାଲିଥିବା ରାଜ୍ୟର ଏହି ପାଂଚ ମହାନଗର ନିଗମରେ ନୂଆ ଜଙ୍ଗଲ ସୃଷ୍ଟି ହେବ। ଏବେ ଆସନ୍ତୁ ଜାଣିବା ଏହି ନଗରବନ ବା ସହରବନ କଣ ଓ ଏହା କେବେଠାରୁ ସୃଷ୍ଟି ହୋଇଥିଲା ?

**ସହର ବନ:**

ସହର ମଧ୍ୟରେ ବା ସହର ନିକଟରେ ବୃକ୍ଷ ଗୁଡ଼ିକର ରୋପଣ, ରକ୍ଷଣା ବେକ୍ଷଣ, ଯତ୍ନ ଓ ସୁରକ୍ଷା ଆଦି ବ୍ୟବସ୍ଥାକୁ ସହରବନ ବା ନଗରବନ କୁହନ୍ତି। ଏହି ବନରେ ଥିବା ଗଛ ଗୁଡ଼ିକ ସହରର ନିର୍ମାଣ ଏବଂ ଅବିବୃଦ୍ଧି ଯୋଜନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସହରବନ ଗୁଡ଼ିକ ପ୍ରାକୃତିକ ପରିବେଶକୁ ବଜାୟ ରଖିବା ସହିତ ଚିତୋବିନୋଦନର ଏକ ମାଧମ ସାଜିଥାଏ। ଏହା ସହିତ ସହରବନ ଗୁଡିକ ସଂରକ୍ଷଣ ଶିକ୍ଷା, ଜୈବବିବିଧତା ସଂରକ୍ଷଣ, ଜଳ ଏବଂ ମୃତିକା ସଂରକ୍ଷଣ, ବିଭିନ୍ନ ପ୍ରକାର ପ୍ରଦୂଷଣ ହ୍ରାସ, ସହର ଉତାପ ଦ୍ୱୀପର ପ୍ରଭାବ ହ୍ରାସ କରିବା ଆଦି କାର୍ଯ୍ୟରେ ସହାୟକ ହୋଇଥାଏ। ଆମେରିକାର ବିଭିନ ସହରରେ ପାଖାପାଖି ୧୩୦ ନିୟୁତ ଏକର ରୁ ଅଧିକ ଜାଗାରେ ସହରବନ ଦେଖାଜାଏ। ବ୍ରାଜିଲର ରିଓଡି ଜେନେରିୟରେ ମଧ ବହୁତ ଗୁଡିଏ ସହରବନ ଅଛି।

**ସହରବନର ଆବଶ୍ୟକତା:**

ଦିନକୁ ଦିନ ସହର ଗୁଡ଼ିକ କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଚାଲିଛି। ଫଳରେ ପକ୍କା କୋଠା ଓ ରାସ୍ତାଘାଟ ସବୁ ଉତାପ ବିକିରଣକରି ସହରାଂଚଳର ବାୟୁମଣ୍ଡଳକୁ ସହର ବାହାରେ ଥିବା ଗ୍ରାମାଂଚଳ ଠାରୁ ଉତାପ ଦ୍ୱୀପ ପ୍ରକ୍ରିୟା ଦ୍ୱାରା ଉତପ୍ତ କରୁଛନ୍ତି। ଗଛ ଗୁଡ଼ିକ ବାୟୁମଣ୍ଡଳର ତାପ ନିୟନ୍ତ୍ରଣରେ ସହାୟକ ହେବା ସହିତ ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣକୁ କମ କରିଥାଏ। ବୃକ୍ଷ ଗୁଡ଼ିକ ଋତୁ ପର୍ଯ୍ୟାୟରେ ନିଜର ଆକାର, ପ୍ରକାର ଓ ବର୍ଣ୍ଣ ପରିବର୍ତ୍ତନ କରୁଥିବାରୁ ସହର ପ୍ରକୃତିରେ ବହୁତ ସୁନ୍ଦର ଦେଖାଯାନ୍ତି। ସେମାନଙ୍କର ବ୍ୟବହାର ଓ ଅସ୍ପର୍ଶ ଉପାଦେୟତା ମନସ୍ତାତିକ ଏବଂ ସୌନ୍ଦର୍ଯ୍ୟ ବୃଦ୍ଧିଠାରୁ ଜଳବାୟୁକୁ ସୁଧାରିବା ପର୍ଯ୍ୟନ୍ତ ବିସ୍ତାରିତ ସୁଫଳ ପ୍ରଦାନ କରିଥାଏ। ଆହୁରି ମଧ ଏହାର ସବୁଜିମାମୟ ପରିବେଶ ଜୀବନ ନିର୍ବାହ ପାଇଁ କିଛିମାତ୍ରାରେ ଖାଦ୍ୟ, ପଶୁଖାଦ୍ୟ, ଜାଳେଣି କାଠ ଓ ବିଭିନ୍ନ ନିର୍ମାଣ ପାଇଁ ମୂଲ୍ୟବାନ କାଷ୍ଠ ଯୋଗାଇ ଦେଇଥାଏ। ସହରବନ ଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗକରି ବିଭିନ୍ନ ପ୍ରକାର ବାହ୍ୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏକ ମନୋମୁଗ୍ଧକର ପରିବେଶ ପ୍ରଦାନ କରିଥାଏ। ଏହି ବନ ଗୁଡ଼ିକ ସହରୀ ଚଳଣି ମଧ୍ୟରେ ଏକ ନୈସର୍ଗିକ ପ୍ରାକୃତିକ ଅନୁଭବ ପ୍ରଦାନ କରିବା ସହିତ ଦୈନନ୍ଦିନ ଜୀବନର ମାନସିକ ଅବସାଦକୁ ଦୂରକରିବାରେ ସହାୟକ ହୋଇଥାଏ। ଆହୁରି ମଧ ସହରବନ ଗୁଡ଼ିକ ପର୍ଯ୍ୟଟନ କ୍ଷେତ୍ର ବୃଦ୍ଧିକରିବା ସହିତ ପରୋକ୍ଷରେ କିଛିଲୋକଙ୍କୁ ଜୀବିକା ନିର୍ବାହର ପନ୍ଥା ଯୋଗାଇଥାଏ। ଏହା ସହିତ ଏଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଅଂଚଳର ଜଳସ୍ତରକୁ ବୃଦ୍ଧିକରିବାରେ ସାହାର୍ଯ୍ୟ କରେ। କିଛିଲୋକ ଏହି ଜଙ୍ଗଲରୁ ବିଭିନ୍ନ ପ୍ରକାର ଫୁଲଫଳ ଆଣି ନିଜର ଗୁଜୁରାଣ ମେଂଟାଇ ଥାଆନ୍ତି। ଏହି ବନ ଗୁଡ଼ିକ ମାଟିର ଗୁଣବତା ବୃଦ୍ଧିକରିବା ସହିତ ମୃତିକାର ଜଳ ଧାରଣ କ୍ଷମତାକୁ ବଢ଼ାଇବାରେ ସହାୟକ ହୁଅନ୍ତି। ସହରବନ ଗୁଡ଼ିକ ମଧ ସ୍ଥାନୀୟ ଜଳବାୟୁର ଗୁଣବତାକୁ ବୃଦ୍ଧି କରିବାରେ ବିଶେଷ ଭୂମିକା ନିର୍ବାହ କରନ୍ତି।

**ସହରବନର ସୃଷ୍ଟି:**

ମହାରାଷ୍ଟ୍ରର ପୁନେ ସହରର ଓ୍ୱାରଜେ ଠାରେ ୪୦ଏକର ଜାଗାରେ ଏକ ଜଙ୍ଗଲ ବିକଶିତ କରାଜାଇଛି। ଏହାକୁ ଓ୍ୱାରଜେ ସହରବନ କୁହାଜାଏ ଓ ଏହିଠାରୁ ହିଁ ସହରବନର ଅୟମାରମ୍ଭ ହୋଇଛି। ଏହି ଜଙ୍ଗଲ ମଧ୍ୟରେ ୬୫,୦୦୦ ରୁ ଅଧିକ ଗଛ ମାନଙ୍କ ସହିତ ୫ଟି ପୋଖରୀ ଓ ୨ଟି ପ୍ରହରୀ କୋଠା ପ୍ରତିଷ୍ଠିତ ହୋଇଛି। ବହୁତ ଗୁଡ଼ିଏ ଗଛର ଉଚ୍ଚତା ୨୫ - ୩୦ ଫୁଟ ରହିଥିବାବେଳେ, ଏବର୍ଷ ଆହୁରି ଅଧିକ ବୃକ୍ଷରୋପଣ କରାଜାଇଛି। ବର୍ତ୍ତମାନ ଏହି ବନରେ ୨୩ ପ୍ରକାର ଉଦ୍ଭିଦ, ୨୯ ପ୍ରକାର ପକ୍ଷୀ, ୧୫ ପ୍ରକାର ପ୍ରଜାପତି, ୧୦ ପ୍ରକାର ସରୀସୃପ ଓ ୩ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ ଦେଖାଜାଉଛନ୍ତି। ସହରବନ ପ୍ରକଳ୍ପ ପରିବେଶର ସନ୍ତୁଳନ ରକ୍ଷା କରିବା ସହିତ ପୁନେବାସୀଙ୍କୁ ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣର ପଥ ପ୍ରଦାନ କରିଛି। ଓ୍ୱାରଜେ ସହରବନ ଏବେ ଆମ ଦେଶର ସହରମାନଙ୍କ ପାଇଁ ଏକ ଆଦର୍ଶ ନମୁନା ପାଲଟିଛି। ଟେକନୋଲୋଜି, ଏଜୁକେଶନ୍, ରିସର୍ଚ୍ଚ ଓ ରିହାବିଲିଟେସନ ଅଫ ଏନଭରନମେଂଟ୍ (ଟେରେ) ନାମକ ସଂସ୍ଥା ଏହି ସହରବନକୁ ବିକଶିତ କରିଛି ଏବଂ ତାହାର ଓ୍ୱେବସାଇଟରେ ପ୍ରକାଶ କରିଛି ଯେ ପୁନେ ସହର ଏକଦା ତାର ସବୁଜିମା ପାଇଁ ପ୍ରସିଦ୍ଧ ଥିଲା, କିନ୍ତୁ ଦ୍ରୁତ ବିକାଶର ଗତିରେ ଏହା ତାର ସବୁଜିମାକୁ ହରାଇଲା ଓ ସବୁଜିମାରୁ ଧୂସର ଆଡ଼କୁ ଢଳି ଚାଲିଲା। ବଢ଼ିଚାଲିଥିବା ପ୍ରଦୂଷଣ ସହିତ ସଂଘର୍ଷକରି ଜୟଲାଭ କରିବାପାଇଁ ଟେରେ ଓ୍ୱାରଜେର ସହରବନକୁ ବିକଶିତ କରିଛି। ଏହା ୨୦୧୫ ମସିହାରେ ଟେରେ ପାଇଁ ଏକ ଅଗ୍ରଣୀ ପ୍ରକଳ୍ପ ଥିଲା।

ଓ୍ୱାରଜେ ସହରବନ ମହାରାଷ୍ଟ୍ରର ସର୍ବ ପ୍ରଥମ ସହରବନ ପ୍ରକଳ୍ପ ଥିଲା। ସହରବନଟି ବିକଶିତ ହେବା ପୂର୍ବରୁ ଏହା ବନ ବିଭାଗର ପ୍ରାୟ ୧୬ ହେକ୍ଟର ପରିମିତ ଏକ ଅନୁର୍ବର ବା ବନ୍ଧ୍ୟା ପାର୍ବତ୍ୟ ଅଂଚଳ ଥିଲା, ଯାହାକି ସେଠାକାର ବସ୍ତିବାସିନ୍ଦା ଓ ଗୃହନିର୍ମାଣକାରୀଙ୍କ ଜବରଦଖଲରେ ରହିଥିଲା। ଟେରେ ବନ ବିଭାଗର ଏହି ପ୍ରଦୂଷିତ ଅଂଚଳକୁ ପ୍ରଦୂଷଣମୁକ୍ତ କରିବା ସହିତ ସ୍ୱଚ୍ଛ ବାୟୁରେ ପରିପୂର୍ଣ୍ଣ କରି ଏକ ସୁନ୍ଦର ସହରବନ ଗଢ଼ି ତୋଳିବାକୁ ଆଗେଇ ଆସିଥିଲା।

**ସହରବନରେ ପାଳିତ ବୃକ୍ଷ:**

ଏହି ସହରବନ ମଧ୍ୟରେ ବର, ଅଶ୍ୱସଥ, ନିମ୍ବ, କଂଚନ, ସୁନ୍ଦରକୋଣି ବାଉଁଶ, ବାଦାମ, ଅଂଳା, ଆଦି ୨୩ ଜାତିର ସ୍ଥାନୀୟ ବୃକ୍ଷ ଦେଖିବାକୁ ମିଳେ। ଦର୍ଶକମାନେ ମଧ ଏହା ଭିତରେ ୨୯ ଜାତିର ସ୍ଥାନୀୟ ପକ୍ଷୀ, ୧୫ ପ୍ରକାର ପ୍ରଜାପତି ସହିତ ଅନେକ ସରୀସୃପ ଓ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କୁ ଦେଖିବାକୁ ପାଆନ୍ତି। ଉଭୟ ସଂସ୍ଥାର ଉତ୍ସାହୀ କର୍ମଚାରୀମାନେ ଏହି ସ୍ଥାନକୁ ବାରମ୍ବାର ବୁଲିବାକୁ ଆସି କିଛି ସ୍ୱେଚ୍ଛାକୃତ କାର୍ଯ୍ୟ ମଧ କରିଥାନ୍ତି। ଆହୁରି ମଧ କିଛି ଅନ୍ୟ ସଂଗଠନ ଓ ଓ୍ୱାରଜେର ସ୍ଥାନୀୟ ଲୋକମାନେ ସେଠାରେ ବହୁବାର ଏକତ୍ରିତହୋଇ ସ୍ୱେଚ୍ଛାକୃତ ଭାବରେ ବୃକ୍ଷ ଗୁଡ଼ିକର ଜତ୍ନ ନେଇଥାନ୍ତି। ଦୁଇଟି ବଡ଼ ଜଳାଶୟ ଏହି ବନାଂଚଳ ମଧ୍ୟରେ ଅଛି, ଯାହା ବର୍ଷାଦିନେ ଜଳପୂର୍ଣ୍ଣ ହୋଇଜାଏ ଏବଂ ତାହାପରେ ସେହି ଜଳକୁ ଗଛଗୁଡ଼ିକ ବଢ଼ିବା ପାଇଁ ବ୍ୟବହାର କରାଜାଏ। ଓ୍ୱାରଜେ ସହରବନ ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ଗଛକୁ ଜଣେ ନିଜ ନାମରେ ପାଳିବାର ବ୍ୟବସ୍ଥା ମଧ ରହିଛି ଓ ଆଜି ପର୍ଯ୍ୟନ୍ତ ବହୁତ ପ୍ରକୃତି ପ୍ରେମୀ ନିଜ ପ୍ରିୟ ପରିଜନଙ୍କ ସ୍ମୃତିରେ ଗଛକୁ ସେମାନଙ୍କ ନାମରେ ପାଳନ କରିଆସୁଛନ୍ତି।

**ସହରବନରେ ଓ ଜୈବବିବିଧତା ସଂରକ୍ଷଣ:**

ବାଙ୍ଗାଲୋରରେ ଥିବା ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ପ୍ରଫେସର ହରିଣୀ ନଗେନ୍ଦ୍ରଙ୍କ ମତ ଅନୁସାରେ ପୁନେର ଓ୍ୱାରଜେ ସହରବନ ମହାରାଷ୍ଟ୍ରର ସର୍ବପ୍ରଥମ ସହରବନ ପ୍ରକଳ୍ପ ଯାହାକି ଟେରେ ଓ ଟାଟା ମୋଟରର୍ସର ସାମାଜିକ ଉତରଦାୟିତ୍ୱ ଦ୍ୱାରା ସରକାରୀ-ଘରୋଇ ସହଭାଗୀତାର ଏକ ଆଦର୍ଶ ନମୂନା ଭାବେ ବିକଶିତ ହୋଇଛି ଏବଂ ଏହା ଜୈବବିବିଧତା ସଂରକ୍ଷଣରେ ସହାୟକ ହେଉଛି । ଏହିପରି ୧୮୯୦ ମସିହାରେ ଶିମଲାରେ ୧୦୦୦ ହେକ୍ଟର ଅଂଚଳ ପରିମିତ ଏକ ଅଭୟାରଣ୍ୟ ଶିମଲା ପାନୀୟ ଜଳ ଜଙ୍ଗଲ ଅବବାହିକାରେ ଶିମଲା ନଗର ପାଳିକା ଦ୍ୱାରା ଜୈବବିବିଧତା ସଂରକ୍ଷଣ ପାଇଁ ଆରମ୍ଭ ହୋଇଥିଲା। ଦିଲ୍ଲୀର ଆରାବଳୀ ଓ ଯମୁନା ଜୈବବିବିଧତା ଉଦ୍ୟାନ ସହରର କିଛି ଅଂଚଳକୁ ନେଇ ସଫଳତା ପୂର୍ବକ ପରିସଂସ୍ଥାନ ଓ ପ୍ରାକୃତିକ ବାସସ୍ଥଳୀରେ ପୁର୍ନଃଗଠିତ ହୋଇଛି। ଗୁଡ଼ଗାଁରେ ମଧ ଆରାବଳୀ ଜୈବବିବିଧତା ଉଦ୍ୟାନ ସେଠିକାର ପୌରପାଳିକା, ଗୋଷ୍ଠୀ ନିଗମ, ସାମାଜିକ ସଂସ୍ଥା ଏବଂ ସ୍ଥାନୀୟ ଲୋକମାନଙ୍କର ଅଦ୍ୱିତୀୟ ସହଭାଗିତାରେ ଗୋଟିଏ ଉଜୁଡ଼ା ଓ ପତିତ ଖଣି ଭୂମିକୁନେଇ ସୃଷ୍ଟି ହେଲା, ଜେଉଁଥିରେ ବର୍ତ୍ତମାନ ୧୦୦ ଜାତିର ପୁଷ୍ପିତ ବୃକ୍ଷଲତା ରହିଛି ଏବଂ ଏବେ ଏହା ୨୦୦ ଜାତିର ପକ୍ଷୀ ମାନଙ୍କୁ ଆକର୍ଷିତ କରୁଛି।

ଯଦିଓ ଭାରତରେ କମ ଭୂମି ଓ ଅଧିକ ଲୋକ ଏବଂ ପଶୁ ସମ୍ପଦ ଅଛନ୍ତି, ତଥାପି ପୃଥିବୀର ୮% ଜୈବବିବିଧତା କେବଳ ଆମ ଦେଶରେ ଦେଖାଯାଏ। ଆମ ଦେଶ ବିଭିନ୍ନ ପ୍ରକାର ପ୍ରାଣୀ ଓ ଉଦ୍ଭିଦ ମାନଙ୍କ ଦ୍ୱାରା ପୁରିରହି ଏକ ଉନ୍ନତ ଜୈବବିବିଧତାରେ ସମୃଦ୍ଧି ଲାଭ କରିଛି ଏବଂ ବିଶ୍ୱର ୩୫ଟି ଜୈବବିବିଧତା ହଟ୍‌ସ୍ପଟ୍ ମଧ୍ୟରୁ ୪ଟି ଭାରତରେ ରହିଛି। ପାରମ୍ପରିକ ବାବରେ ଜୈବବିବିଧତା ସଂରକ୍ଷଣ ସୁଦୂର ଜଙ୍ଗଲ ମଧ୍ୟରେ ସିମୀତ ରହିଆସିଛି, ମାତ୍ର ସହରାଂଚଳ ଗୁଡ଼ିକର ସଂଖ୍ୟା ଓ ଆକାର ବୃଦ୍ଧି ପାଉଥିବାରୁ ଏବେ ସହରାଂଚଳରେ ମଧ ଜୈବବିବିଧତାର ସୁରକ୍ଷା ଆବଶ୍ୟକ ହୋଇପଡୁଛି। ସେଥିପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଅନ୍ୟ ଦେଶମାନଙ୍କ ଭଳି ଆମ ଦେଶର ୨୦୦ ସହରରେ କାମ୍ପା ପାଣ୍ଠିରୁ ଟଙ୍କା ବ୍ୟୟକରି ସହରବନ ପ୍ରତିଷ୍ଠା କରିବା ପାଇଁ ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଭବିଷ୍ୟତରେ ସହରବନ ଗୁଡ଼ିକ ସହରର ଫୁସଫୁସ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

+ ବନ ଗବେଷକ, ସ୍ନାତକତର,
ଓ.ୟୁ.ଏ.ଟି.,
ମୋ: ୮୦୧୮୧୮୮୧୨୮

# ଇଜ୍ଜତ

**ଇଂ. ବିଦ୍ୟାଧର ପଣ୍ଡା**



ନାରୁର ମାଆ ହେଲା ସବୁକିଛି। ତା'ବାପାକୁ ସିଏ ଚିହ୍ନେନି କି ଜାଣେନି। ତାଙ୍କର ଶୋଇବାଘର କାନ୍ଥକଂଟାରେ ଗୋଟାଏ ବନ୍ଧେଇଫଟୋ କୋଉକାଳୁ ଟଙ୍ଗାହୋଇଛି। ସେ ଫଟୋଭିତରେ ଆଣ୍ଠୁଉପରକୁ ଧୋତିଲୁଗା ଉପରେ ପାବୀ ସାର୍ଟ ପିନ୍ଧି ଜଣେ ଛିଡା ହୋଇଛନ୍ତି। ବେଳେବେଳେ ମାଆକୁ ସେଇ ଫଟୋପାଖରେ ଛିଡାହୋଇ ଲୁହ ଗଡେଇବାର ସିଏ ଦେଖିଛି। ପର୍ବପର୍ବାଣି ଦିନରେ ନାରୁମା ସେ'ଫଟୋକୁ ପାଣିକନାରେ ପୋଛି ଦି'ତିନିଟା ଟଗରଫୁଲ ଗେଁଦିଏ। ଛୁଆବେଳେ ନାରୁ ଦିନେ ତା'ମାଆକୁ ସେ ଫଟୋରେ କିଏ ବୋଲି ପଚାରିବାରୁ ସିଏ ତା'ବାପା ବୋଲି କହିଥିଲା। ନାରୁ ଫଟୋଭିତରେ ବାପା ଅଛି ବୋଲି ଜାଣିଲାପରେ ବେଳେବେଳେ ସେ ଫଟୋ ସାମ୍ନାରେ ହାତଯୋଡି ଛିଡାହୁଏ। ମାଆ ନାଁରେ ଅଭିଯୋଗ କରେ। ଖନେଇଖନେଇ କୁହେ ମିନାବାପା ତା'ପାଇଁ କେତେ କ'ଣ ଜିନିଷ, ଚକଲେଟ୍, ମିଠେଇ ଓ ଖେଳଣା ଆଣୁଛନ୍ତି। ତୁମେ କାହିଁକି ସେହି ଫଟୋଭିତରେ ସଦାବେଳେ ଛିଡା ହୋଇ ରହିଛ ? ବାହାରକୁ ଯାଉନ କି ମୋ ପାଇଁ କିଛି ଆଣୁନ! ମାଆ କେତେ କାମ କରୁଛି। ମିନାମା କିଛି କରୁନି। ଖାଲି ରୋଷେଇ କରି ଖାଇବାକୁ ଦେଉଛି, ଆଉ ଶୋଉଛି। ମୋ' ମାଆ ରୋଷେଇ କରି କେତେ କାହାର ଚିରାଫଟା ଲୁଗା ସିଲେଇ କରି ପଇସା ରୋଜଗାର କରୁଛି। ତା'କୁ ଶୋଇବାକୁ ଫୁରୁସତ ନାହିଁ। ସଦାବେଳେ କାମ କାମ କାମ। ଦିନେ ନାରୁ ସେ ଫଟୋସାମ୍ନାରେ ଛିଡା ହୋଇ ଏମିତି କହୁଥିବା ଦେଖି ମାଆ ସବିତା ତା'କୁ ଛାତିରେ ଜାବୁଡି ଧରି କାନ୍ଦିଲେ। କହିଲେ ବାପାଙ୍କୁ ଏମିତି କହିବୁନି। ତୋ'ପାଇଁ ମୁଁ ଅଛି। ମୁଁ ତୋ'ର ବାପା ଏବଂ ମାଆ। ଅନ୍ୟକାହା କଥାରେ ଆମର କି ଯାଏ ଆସେ! କାଲିକା କାଲି ତୁ ଡାକ୍ତର ହେଲେ ମନଇଚ୍ଛା କେତେ ମିଠେଇ ଖାଇବୁ। ଖାଲି ମନଦେଇ ପାଠ ପଢ। ବର୍ଷକେଇଟା କାନ କୁଣ୍ଡେଇଲା ପରି ଚାଲିଯିବ। ତୋ' ମୁଣ୍ଡକୁ ହାତ ପାଇଗଲେ ଆମ ଅବସ୍ଥା ନିଶ୍ଚୟ ଦିନେ ବଦଳିଯିବ।

ନାରୁ ଛଅମାସର ହୋଇଥିଲା ବେଳେ ଶଙ୍କର ଆରପାରିକୁ ଚାଲିଗଲେ। ତାଙ୍କର ଇଚ୍ଛା ଥିଲା ପୁଅକୁ ଡାକ୍ତରଟିଏ କଲେ ରୋଗୀସେବା କରିବ। ଗାଁ ଗଣ୍ଡାରେ ସାମାନ୍ୟ ଜ୍ୱରରୋଗରେ ବି ଲୋକ କାଳ ହୋଇଯାଉଛନ୍ତି। ଶଙ୍କର ବି ସେମିତି ଏକ ରୋଗରେ ଚାଲିଗଲେ। ଡାକ୍ତର ସବିତାକୁ କହିଲେ ବୋଧେ ମସ୍ତିଷ୍କ ଜ୍ୱର ହୋଇଥିଲା। ସେଦିନଠାରୁ ସବିତା ଅକ୍ଳାନ୍ତ ପରିଶ୍ରମ କରି ନାରୁକୁ ପାଠ ପଢାଉଛି। ଗାଇଦୁଇଟି ରଖି କ୍ଷୀର ବିକୁଛି। ଦିନଯାକ ବାରଣ୍ଡାରେ ସିଲେଇ ମେସିନ୍‌ଟିଏ ପକେଇ ଗାଁ ଗହଳି ଲୋକଙ୍କର ଚିରାଫଟାଲୁଗା ରଫୁସିଲେଇ ମାରିବା ସହ ନୂଆ ସାୟା, ବ୍ଲାଉଜ୍ ଆଦି ବି ସେଥିରେ ସିଲେଇ କରି ଦେଉଛି। ନିଜେ ଯାହିତାହି ଚଳି ସବୁପଇସା ନାରୁ ପିଛା ଖର୍ଚ୍ଚ କରୁଛି। ନାରୁ ଯେବେଠାରୁ ଡାକ୍ତରି ପ୍ରବେଶ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରି ପାଠ୍ୟକ୍ରମରେ ନାଁ ଲେଖେଇଲାଣି ସବିତାଙ୍କୁ ଆଉ ରାତିରେ ନିଦ ନାହିଁ। ଫୁକିଆତାରା ଉଇଁଲା ପରେ ଉଠି ଗାଇପାଇଁ ଘାସ ଆଣିବାକୁ ଯିବାକୁ ହୁଏ। ଗୁହାଳଗୋବର ସଫା କରି ଗାଇ ଦୁଇଟାକୁ ଖୁଆଇପିଆଇ କ୍ଷୀରଦୁହାଁ ସାରିଲା ବେଳକୁ ସକାଳ ଆଠଟା। ଆଖପାଖର ନାଗୁଆ ଗରାକମାନେ କ୍ଷୀରନେବାକୁ ଆଠଟା ପରେ ଗୋଟିଏ ଗୋଟିଏ ଆସନ୍ତି। କ୍ଷୀରଦିଆ ସରିଲେ ନିଜେ ମୁଢିଗିନାଏ ସହ ଚାଟିକେ ପିଇ ସିଲେଇମେସିନ ପଛରେ ବସନ୍ତି ଯେ ଉଠୁଉଠୁ ଦ୍ୱିପ୍ରହର। କ'ଣ ଗଣ୍ଡାଏ ଫୁଟେଇ ଲୁଣଲଙ୍କା ଦଳି ଖାଇଦେଇ ବିଛଣା ଧରୁଧରୁ ନିଦ ହୋଇଯାଏ। ପୁଣି ଅପରାହ୍ନ ତିନିଟାରୁ ପାଂଚଟା ସିଲେଇ ଓ ତାପରେ ଗାଇପାଇଁ କୁଳୁଚି ରନ୍ଧା ଖୁଆ ଆଦିକାମ ସରୁସରୁ ରାତି ସାତଟା। ରାତିଖାଇବାର ନିଜପାଇଁ ରୋଷେଇ ସାରି ସିଲେଇମେସିନ ଧରନ୍ତି ଯେ ଜରୁରୀ ସିଲେଇକାମତକ ସରିବା ଯାଏ ସେମିତି ବସି ଖଟିବାକୁ ହୁଏ। କେବେକେବେ ରାତି ବାରଟା କି ଗୋଟାଏ ବାଜେ। ରାତ୍ରୀ ଭୋଜନ ଖାଇ ଶୋଇବାବେଳୁ ଦୁଇଟା ରାତି। ମାତ୍ର ଦୁଇଘଂଟା ପରେ ଗାଣ୍ଟୁଆଧରି ଘାସପାଇଁ ବାହାରି ଯାଆନ୍ତି। ଏସବୁ ପରିଶ୍ରମ ତାଙ୍କୁ ଆଦୌ ବାଧେନି, କାରଣ ଆଖି ଆଗରେ ସଦାବେଳେ ନାରୁର ଧଳାଆପ୍ରୋନ ପିନ୍ଧାବେକରେ ଷ୍ଟେଥୋସ୍କୋପ୍ ଗୁଡାଯାଇଥିବା ଡାକ୍ତର ଚେହେରା ନାଚୁଥାଏ। ସବିତାଙ୍କର ବହୁଦିନର ସ୍ୱପ୍ନ ପୂରଣ ହେବାକୁ ଆଉ ମାତ୍ର ଅଳ୍ପଦିନ ବାକି।

ମିନା ନାରୁର ପିଲାବେଳର ସାଙ୍ଗ। ଦେଖିବାକୁ ଯେମିତି ସୁନ୍ଦର ବ୍ୟବହାର ବି ସେମିତି ଭଲ। ସ୍କୁଲ୍‌ରେ ପଢିଲାବେଳେ ମିନା ପ୍ରଥମ ହେଲେ ନାରୁ ଦ୍ୱିତୀୟ ହୁଏ। ଦୁହିଁଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ। ଗାଁ ସ୍କୁଲ୍ ପଢା ସାରି ଦୁହେଁ ଏକା କଲେଜରେ ପଢିଲେ। ତାପରେ ଏବେ ମିନା ବି ସେହି ଏକା ଡାକ୍ତରୀ ମହାବିଦ୍ୟାଳୟରେ ନାରୁସାଙ୍ଗରେ ସେଇ ଏକା ପାଠ୍ୟକ୍ରମରେ ନାଁ ଲେଖେଇଛି। ଛୁଆଦିନର ସାଙ୍ଗ ଯେତେବେଳେ ସେମାନେ ଖୋଲାଖୋଲି ମିଶିଲେ କେହି ସେମିତି କିଛି ଭାବନ୍ତିନି। କିଛିଦିନ ହେଲା ଦୁହିଁଙ୍କ ଭିତରେ ପ୍ରେମ ବି ଆରମ୍ଭ ହୋଇସାରିଲାଣି। କିନ୍ତୁ ନାରୁ ମିନାକୁ ସଫା କହିଛି ଯେ ମାଆ କଥାରେ ତା କଥା। ମାଆ ରାଜିହେଲେ ଯାଇ ସିଏ ତାକୁ ବିବାହ କଥା ଚିନ୍ତା କରିବ, ନହେଲେ ନାହିଁ। ମିନା ଭାବିଲା ତେବେ ନାରୁ ମାଆକୁ ପଟେଇବାକୁ ପଡିବ। ଗତ ଗଣେଶପୂଜା ଦୁଇଦିନ ଛୁଟିରେ ମିନା ଘରକୁ ଆସି ନାରୁମାଆ ସାଙ୍ଗରେ ଦେଖାକଲା। ନାରୁର ପଢାପଢି ଏବଂ ହଷ୍ଟେଲ୍ କଥାମାନ ବନେଇ ଚୁନେଇ କହି ପଚାରିଲା,

- ମାଉସୀ! ନାରୁ ବାହାଘର କେବେ କରିବ!

- ଆଲୋ ଝିଅ! ତା ପଢାପାଇଁ ଗୁଡାଏ ଧାରଉଧାର ହୋଇଛି। ସେସବୁ ବର୍ଷେ ଦିବର୍ଷରେ ସୁଝିଦେଲେ କରିବା।

- ତେବେ ଗୋଟାଏ ଚାକିରିଆ ବୋହୂ ଆଣୁନ! ଜଲଦି ସୁଝିଦେବ।

- ମୁଁ କ'ଣ କହିପାରିବି! ତା ଭାଗ୍ୟରେ କିଏ ଅଛି କେଜାଣି। ମୋର କ'ଣ ହାତ କଥା ହୋଇଛି ?

- ମାଉସୀ! ମୁଁ କ'ଣ କହୁଥିଲି କି, ତୁମେ ତ ଜାଣିଛ ଯେ ଆମେ ଦୁହେଁ ସାଙ୍ଗ। ପ୍ରଥମ ଶ୍ରେଣୀରୁ ଏଯାଏ ଏକାଠି ପଢିଛୁ। ଆଗକୁ ବି ଏକାଠି ରହି ଘରସଂସାର କରିବୁ ବୋଲି ଭାବୁଥିଲି। ହେଲେ ତୁମେ ରାଜି ହେଲେ ହେବ। ନାରୁ କହୁଛି ତୁମେ ଯାହା କହିବ ସେଇଆ।

- ଆଲୋ ଝିଅ! ତୁମର ତ ବଡ ଘର। ଆମର ତ ଗରିବ କୁଡିଆ। ତୋ ବାପା ମାଆ ଆମଘରେ ବନ୍ଧୁବାନ୍ଧିବାକୁ ରାଜି ହେବେ ?

- ଆମଘର କଥା ମୋ ଉପରେ ଛାଡ। ତୁମ କଥା ଆଗେ କୁହ। ଆମର ଆସନ୍ତା ସୋମବାରଦିନ ପରୀକ୍ଷାଫଳ ବାହାରିବ। ଆମଘରେ ବାରଆଡେ ମୋ ପାଇଁ ଦେଖାଦେଖି ଆରମ୍ଭ କଲେଣି। ତୁମେ ଯଦି ମୋତେ ବୋହୂ କରିବାକୁ ରାଜି ତେବେ କୁହ।

- ମୁଁ ରାଜି। ହେଲେ ନାରୁ!

- ତା କଥା ବି ମୋ ଉପରେ ଛାଡନ୍ତୁ। ଆପଣ ଖୁସି ତ!

- ହଁ ଝିଅ। ମୁଁ ଖୁସି। ତୁମେମାନେ ଖୁସିରେ ରହିଲେ ମୋର ଖୁସି। ମୁଁ ତ ତୋତେ ଲଙ୍ଗଳାଛୁଆଟି ବେଳୁ ଏଇ ଗାଁରେ ବଢିବାର ଦେଖିଛି। ତୁ ଆଉ ନାରୁ ଦୁହେଁ ଦୁହିଁଙ୍କୁ ଭଲଭାବରେ ଜାଣ। ମୋର କିଛି ଆପତ୍ତି ନାହିଁ। (କ୍ରମଶଃ)

+ ପ୍ଲଟ-୧୭/୧୫,ପଂଚଶଖା ନଗର,
ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯
ମୋ- ୯୪୩୯୧୨୮୦୫୦

ଧ୍ୱନି ପ୍ରତିଧ୍ୱନି

୨୯ ଅଗଷ୍ଟ ୨୦୨୦
ବାଲେଶ୍ୱର,
ଶନିବାର
୫

# ସ୍ୱନକ୍ଷତ୍ର ବିଶେଷାଙ୍କ




## ଜଳେଶ୍ୱର୍ ପୌର୍ ପରିଷଦ ଜଳେଶ୍ୱର୍

ଧ୍ୱନିପ୍ରତିଧ୍ୱନିର 30th birth Anniversary ଦିବସ ପାଳନ ଅବସରରେ ଜଳେଶ୍ୱର ପୌର ପରିଷଦ ଜଳେଶ୍ୱର ବାସୀଙ୍କୁ ସ୍ୱାଗତ ଜଣାଉଅଛି ଏବଂ ବିଶ୍ୱ ମହାମାରୀ କରୋନା ଭାଇରସ ସଂକ୍ରମଣ ରୋକିବା ସହ ଜଳେଶ୍ୱର ସହରକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଛି ।

### ସ୍ୱଚ୍ଛ ସହର ସୁସ୍ଥ ସହର

♦ସରକାରଙ୍କ ନିଷ୍ପତ୍ତି ଅନୁଯାଇ ନିଜର, ନିଜ ପରିବାରର ଓ ବନ୍ଧୁ ବାନ୍ଧବ ମାନଙ୍କର ମଙ୍ଗଳ ପାଇଁ ଘରେ ରୁହନ୍ତୁ, ଅତି ଆବଶ୍ୟକ ନଥିଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ । ଘରୁ ବାହାରିବା ବେଳେ ମାକ୍ସ ବ୍ୟବହାର କରନ୍ତୁ ।

♦ବ୍ୟବସାୟୀମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ସାମାଜିକ ଦୂରତା ଅବଲମ୍ବନ କରିବା ସହିତ ଉଚିତ ମୂଲ୍ୟରେ ସେମାନଙ୍କର ଦ୍ରବ୍ୟ ବିକ୍ରି କରନ୍ତୁ ।

♦ପଲିଥିନ, ପ୍ଲାଷ୍ଟିକ କପ, ପ୍ଲାଷ୍ଟିକ ବୋତଲ, ଥର୍ମୋକଲ ଆଦି ବ୍ୟବହାର ବନ୍ଦ କରନ୍ତୁ ।

♦ନିଜ ଘରେ ଓଦା ବର୍ଜ୍ୟବସ୍ତୁ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ରଖି ପୌରସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ନିୟମିତ ଦିଅନ୍ତୁ ।

♦ଅଳିଆ ଆବର୍ଜନାକୁ ଏଣେ ତେଣେ ନ ପକାଇ ଡଷ୍ଟବିନରେ ପକାନ୍ତୁ ।

♦ନିଜେ ବାହାରକୁ ମଳତ୍ୟାଗ କରିବା ନିମନ୍ତେ ଯାଆନ୍ତୁ ନାହିଁ କିମ୍ବା ଅନ୍ୟ କାହାକୁ ମଳ ତ୍ୟାଗ କରିବାପାଇଁ ବାହାରକୁ ଯିବାରୁ ନିବୃତ ରଖନ୍ତୁ ।

♦ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।

♦ନାଳରେ ଅଳିଆ ଆବର୍ଜନା ପକାଇ ପାଣି ନିଷ୍କାସନ ଗତିପଥକୁ ଅବରୋଧ କରନ୍ତୁ ନାହିଁ ।

♦ଘର ନିର୍ମାଣ ପୂର୍ବରୁ ପରିଷଦରୁ ଘରର ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।

♦ରାସ୍ତାରେ ବାଲି, ଇଟା, ଚିପ୍ସ ଇତ୍ୟାଦି ପକାଇ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।

♦ଯଥା ସମୟରେ ଜନ୍ମ ଏବଂ ମୃତ୍ୟୁର ପଞ୍ଜିକରଣ କରନ୍ତୁ ।

♦ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ ।

ଶ୍ରୀ ଅଜୟ କୁମାର ମହାପାତ୍ର
କାର୍ଯ୍ୟ ନିର୍ବାହୀ ଅଧିକାରୀ

ଶ୍ରୀ ନିଲୁ ମହାପାତ୍ର (ଓ.ପ୍ର.ସେ.)
ପ୍ରଶାସକ


## ଭାରତ ରତ୍ନ ଗୋବିନ୍ଦ ବଲ୍ଲଭ

ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ। ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର। ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ ଭାଗରେ ଗିରିଶୃଙ୍ଗ ହିମାଳୟ। ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ। କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ। ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବ୍ରତ ଦିନ ( ପର ମୁହୂର୍ତ୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ ) ଏହି ଖୁଣଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ। ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଇ । ସେମାନଙ୍କ ପୂର୍ବ ପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତୀ କୋଙ୍କଣରୁ ତୀର୍ଥ ଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ। କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲ୍‌ମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜୀବନର ପ୍ରାୟ ସମୟ ଅଲ୍‌ମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା।

ଅଲ୍‌ମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ। ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ। ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ। ବିବାହର ଅଳ୍ପ ଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା। ସେ ଗମ୍ଭୀର ସ୍ୱାଭାବର ହୋଇଗଲେ। ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ। ଦଶମ ଶ୍ରେଣି ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ। ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ। ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ। ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣି ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ। ଏହ୍ଲାବାଦର ’ ମ୍ୟର ସେନଟ୍ରାଲ କଲେଜ’ ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢା ପଢି କଲେ। ଏହି ଛାତ୍ରବାସଟି ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ। ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା। ପନ୍ଥଜୀ କାଶିପୁରଠାରୁ ନୈନିତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ। ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ। ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ ’ପ୍ରେମ ସଭା’ ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ। ଏ ଅନୁଷ୍ଠାନ ଦିନେ କାଶିପୁର ଅଂଚଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା। ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ ’ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ’ ପ୍ରତିଷ୍ଠା କରିଥିଲା। ପନ୍ଥଜୀ କାଶିପୁର ବିଜ୍ଞାପିତ ଅଂଚଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧତାମୂଳକ କରାଇଥିଲେ।

ନୈନିତାଲାରେ ପନ୍ଥଜୀ ପାର୍ବତୀୟ ଅଂଚଳର ବିକାଶ ଲାଗି ’ କୁମାୟୁନ୍ ପରିଷଦ’ ନାମରେ ଏକ ସଂଗଠନ କରିଥିଲେ। ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ। ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ। ୧୯୧୮ ମସିହା ଦିପାବଳୀ ଦିନ ’ଶକ୍ତି’ ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ।ଏହି ଶକ୍ତି ଏବେବି ଉଜ୍ଜଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି।

କଂଗ୍ରେସ ଭିତରେ ’ସ୍ୱରାଜ ପାର୍ଟି’ ନାମରେ ଏକ ନୂଆ ଦଳ ଗଢିଲେ ଚିତରନ ଦାସ ଓ ମୋତିଲାଲ ନେହେରୁ। ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ। ’ସାଇମନ କମିଶନ’ କୁ ବିରୋଧ କରି ପାବ କେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା। ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ। ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା। ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସୃଷ୍ଟି ହେଲା। ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନିତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ଭୋଗ କଲେ। ସେ ଭଵାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ। ସେଠାରେ ପରବର୍ତ୍ତୀ ସମୟରେ ମାଳବ୍ୟ ଛାତ୍ରବାସରେ ପରିଣତ ହେଲା। ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି ’ଲୁମ୍‌ସଡେନ୍ ସ୍ୱର୍ଣ୍ଣ ପଦକ’ ଲାଭ କଲେ।

ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲା ଦିନରୁ ଜଣା ପଡିଥିଲା। ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉ ମାନଙ୍କ ରଙ୍ଗ କଳା କାହିଁକି? ଆଈଙ୍କ ଉତର ଥିଲା ନ୍ତ ଈଶ୍ୱର ଏକ ପ୍ରକର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି ନ୍ତ। ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର। ଆଈ କିଛି ଉତର ଦେଇ ପାରି ନଥିଲେ। ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ ଜଣା ପଡିଥିଲା। ସେ ନିଜ ଚେଷ୍ଟାରେ ’ବାଲ୍ କ୍ଲବ’ ନାମରେ ଏକ ଅନୁଷ୍ଠାନ ଗଢିଥିଲେ। ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖା ଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା ନ୍ତସରସ୍ୱତୀନ୍ତ ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା। ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ। ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ। ୧୯୦୫ ମସିହାରେ ବନାରସରେ ହେଉଥିବା କଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗ ଦେଲେ। ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ।

ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ। ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କ ବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ। ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା। ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ। ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ। କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭାଣୋଇଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ। ହଠାତ୍ ଦିନେ ତାଙ୍କ ପିତା ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର(ରାଜା) ପନ୍ଥ। ତାପରେ ତାଙ୍କରେ ୨ ଟି କନ୍ୟା ହୋଇଥିଲା। ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ। ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା। ଯୁକ୍ତ ପ୍ରଦେଶ( ଉତର ପ୍ରଦେଶ)ରେ ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା। ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା। ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ। ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ।

ମୁସ୍‌ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା। ୧୯୪୬ ମସିହାରେ ମୁସ୍‌ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା। କେବଳ କଲିକତାରେ ଦଶ ହଜାର ଲୋକ ମଲେ। ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧହୋଇ ଦେଶ ବିଭାଜନ ସିଦ୍ଧାନ୍ତକୁ ମାନିନେଲା। ଭାରତ ସ୍ୱାଧୀନ ହେଲା। ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଁଉମାନେ ଥିଲେ ସେମାନଙ୍କୁ ମଧ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ। ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ ଉତର ପ୍ରଦେଶ ଦେଇଥିଲେ। ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣ ସବୁ ଧର୍ମକୁ ଭଲ ପାଉଥିବା ମଣିଷ। ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ’ ଭାରତରତ୍ନ’ ଉପାଧି ପ୍ରଦାନ କରାଯାଇଥିଲା। ୧୯୬୧ ମସିହା ମାର୍ଚ୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ। ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ଦୂରଭାଷ-୯୯୩୭୬୯୧୪୭୫

## ସନ୍ତ୍ରାସ

ପଣ୍ଡିତ ହରେକୃଷ୍ଣ ପତି

ଶିଶୁଟିଏ ଭୂମିଷ୍ଠ ହୁଏ ମା’ର ଗର୍ଭରୁ, ଠିକ୍ କୁମ୍ଭାରର କଞ୍ଚା ମାଟି ପରି। ତା’କୁ ବାପା, ମାଆ, ଗୁରୁ, ଗୁରୁଜନ, ସମାଜ ଓ ପାରିପାର୍ଶ୍ୱିକ ପରିସ୍ଥିତି ଯେଉଁ ଆକାର ଦେଇ ଗଢି ତୋଳନ୍ତି, ସେ ଠିକ୍ ସେହିପରି ହୋଇଯାଏ। ସେହି ଚକିରେ ତିଆରି ହେବା ବେଳେ ସେ ଭଲ ହେଲା କି ଖରାପ, ସେଥିରେ ତା’ର ସମ୍ୟକ୍ ଦୋଷ ନଥାଏ। ମଣିଷ ପରି ସୁନ୍ଦର ଜୀବକୁ ଗଢି, ଭଗବାନ ତା’ ଦେହରେ ଭରି ଦେଇଥିଲେ ଦିବ୍ୟ ଜ୍ଞାନ। କିନ୍ତୁ, ଯଦି ଆମେ ଆବଶ୍ୟକତା ଅନୁସାରେ ସେହି ଜ୍ଞାନର ବ୍ୟବହାର ଠିକ୍ ସମୟରେ ଓ ଠିକ୍ ଉପଯୁକ୍ତ ସ୍ଥାନରେ କରି ନପାରନ୍ତି, ତେବେ ଆମର ଏ ଦୁର୍ଲ୍ଲଭ ଜନ୍ମ ବୃଥା ହୋଇଯାଏ। ଆମେ ନିଜେ ନଷ୍ଟ ହେବା ସହ ଆମ ପରିବାର ଓ ସମାଜକୁ ମଧ୍ୟ କଳୁଷିତ କରି ପକାନ୍ତି। ଠିକ୍ ସେଇଆ ହୁଏ ଜଣେ ବାଟହୁଡ଼ା ପଥିକ କ୍ଷେତ୍ରରେ। ପେଟର ଭୋକ ଦାଉ ସହି ନପାରି ଯେତେବେଳେ ସେ ମାଆ ଠାରୁ ଖାଦ୍ୟ ଚାହେଁ, ସେତେବେଳେ ଶୁଣେ ଭର୍ତ୍ସନା, ଆଉ ସ୍କୁଲ୍ ଯିବାକୁ ବହି ଖଣ୍ଡେ ପାଇଁ ବାପା ପାଖରେ ଅଳି କଲେ ଶୁଣେ ଅସରନ୍ତି ଗାଳି। ସେହିପରି ସମାଜରେ ସମବୟସ୍କମାନଙ୍କ ସହ ମିଶି ତା’ର ସୁଖ ଦୁଃଖ ବାଣ୍ଟିବାର ପ୍ରୟାସ କଲେ, ସେଠାରୁ ମଳିମୁଣ୍ଡିଆ ହୋଇଥିବାର ପରିଣାମ ସ୍ୱରୂପ ଶୁଣିଥାଏ ଧିକ୍କାର। ତଥାପି ସେ କାହାର ଦୁଃଖ ଦେଖିଲେ ସହାୟତା ଦେବା ପାଇଁ ଆଗେ ଦୌଡ଼ି ଆସେ। ଗାଁର ଅସହାୟ ପିଲା, ବୁଢାମାନଙ୍କ ପାଇଁ କେତେବେଳେ ସେ ଦେବତା ସାଜେ ତ କେତେବେଳେ ମା’, ଭଉଣୀଙ୍କୁ ଲୋଲୁପ ଦୃଷ୍ଟିରେ ଦେଖୁଥିବା ଅମଣିଷଙ୍କ ପାଇଁ ସାଜିଥାଏ ଦାନବ। ଘରପୋଡ଼ି, ବନ୍ୟା, ବାତ୍ୟା ସମୟରେ ବିପନ୍ନମାନଙ୍କ ନିକଟରେ ପ୍ରଥମେ ପହଂଚିଯାଏ ସେ।ଏମିତି ବଞ୍ଚି ବଞ୍ଚି ଦିନେ ଯେତେବେଳେ ସେ ନିଜର ପେଟ ପୋଷିବାକୁ କୌଣସି ତଥାକଥିତ ଧନାଢ୍ୟ ବ୍ୟକ୍ତି ନିକଟକୁ ସହାୟତା ଆଶାରେ ଯାଏ, ତା’ ଠାରୁ ପାଏ କେବଳ ନିରାଶା ଓ ହତାଶା ଏବଂ ସ୍ଥଳ ବିଶେଷରେ ମାଲିକର ହାତ ବାରିସି ସାଜି ନିଜର ଅନିଚ୍ଛା ସତ୍ତ୍ୱେ ବିଭିନ୍ନ ଅମାନବୀୟ କର୍ମ କରେ ତା’ର ସ୍ୱାର୍ଥ ପୂରଣ କରିବା ପାଇଁ। ଆଉ ତାହା ବଦଳରେ ତା’କୁ ମିଳେ କେବଳ କୁକୁରକୁ ମିଳୁଥିବା ଖଣ୍ଡେ ଶୁଖିଲା ରୁଟି ଆଉ ଦି’ ଖଣ୍ଡ ଅଇଁଠା ମାଂସ। ଦିନ ସାରା ତା’ ଦ୍ୱାରା ଅମାନୁଷିକ ଏବଂ ଅନୈତିକ କର୍ମ କରାଇ ସନ୍ଧ୍ୟାରେ ପାରିଶ୍ରମିକ ଆକାରରେ ଦିଆଯାଏ ଅଶ୍ରାବ୍ୟ ଗାଳି ଓ ଲାଞ୍ଛନା। ତଥାପି ସେ ଏକ ଅସଫଳ ପ୍ରୟାସରେ ଲାଗି ପଡ଼ିଥାଏ, ସମାଜରେ ନିଜର ସ୍ଥିତି ଜାହିର କରିବା ପାଇଁ। ସରକାର କିମ୍ବା ପ୍ରଶାସନ ଠାରୁ କିଛି ସାହାଯ୍ୟ ଆଶାରେ ପହଂଚେ ବିଭିନ୍ନ ଦପ୍ତରରେ। ଦେଶମାତୃକାର ସେବା କରିବା ପାଇଁ ଜବାନ ଭାବେ ଭର୍ତ୍ତି ହେବାକୁ ଇଚ୍ଛା କରି ନିଜର ପକ୍ଷ ରଖେ ସେ। କିନ୍ତୁ, ସେଠାରେ ଉତ୍କୋଚ ଓ ଚଞ୍ଚକତାର ଚକିରେ ବାରମ୍ବାର ପେଷି ହେବା ପରେ ସମସ୍ତ ଆଶା ଛାଡ଼ି ଦେଇ ତା’ର ଭଙ୍ଗା ମନକୁ ପ୍ରଶ୍ନ କରେ, ଏତେ ବଡ଼ ଦୁନିଆରେ କ’ଣ ଜଣେ ବି ନାହିଁ ପଡ଼ି ଯାଉଥିବା ଲେକଟିର ହାତ ଧରି, ତା’କୁ ତଳୁ ଉଠାଇ ଆଣି କୋଳାଇ ନେବା ପାଇଁ? ଶେଷରେ ଅନ୍ୟମାନଙ୍କ ପରି ସୁଖର ସଂସାର କରିବାର ସ୍ୱପ୍ନ ତା’ର ମାଟିରେ ମିଶିଯାଏ।

ଏହିପରି ଚିନ୍ତା କରି କରି ବଞ୍ଚିବାର ରାହା ଖୋଜୁଥିବା ବେଳେ ହଠାତ୍ ଏକ ମଧ୍ୟରାତ୍ରୀରେ ଘର କବାଟରେ ଠକ୍ ଠକ୍ ଶବ୍ଦ ହୁଏ, ଆଉ ତା’ ପାଖକୁ ଦେବଦୂତ ସାଜି ଆସନ୍ତି କେତେ ଜଣ କଳା ମୁଖା ପିନ୍ଧା ବନ୍ଧୁକଧାରୀ ବ୍ୟକ୍ତି। ନିଭୃତ କୋଠରୀରେ ଚାଲେ ମନ୍ତ୍ରଣା। ରାତି ପାହିଲା ବେଳକୁ ଘରର କବାଟ ଖୋଲା ଥାଏ ଓ ଘର ମଧ୍ୟ ଖାଲି ପଡ଼ିଥାଏ। ତାହା ପରେ ସେହି ଅସହାୟ ତଥା ନିରାଶ ବ୍ୟକ୍ତିଟିକୁ କେହି ଖୋଜି ପାଆନ୍ତିନି, ଘରେ, ବାହାରେ ଆଉ ଗାଁ ଗଣ୍ଡାରେ। କୁଆଡ଼େ ଗଲା ସେ ବୋଲି ପ୍ରଶ୍ନ ଉଙ୍କିମାରେ ସଭିଁଙ୍କ ମନରେ, କିନ୍ତୁ ଉତ୍ତର ମିଳେନା।

ଏହିପରି କିଛି ବର୍ଷ ବିତିଯାଏ। ଦିନେ ସନ୍ଧ୍ୟାରେ ଗାଁ ମୁଣ୍ଡରେ ବାଣ ଫୁଟିବାର ଶବ୍ଦ ଶୁଭେ। କିଛି ସମୟ ପରେ ଘରକୁ ଫେରୁଥିବା ଗ୍ରାମବାସୀଙ୍କ ଟର୍ଚ୍ଚ ଆଲୁଅ ପଡେ ଏକ ରକ୍ତାକ୍ତ ମୃତ ଦେହ ଉପରେ। ଚମକିପଡ଼ି ସେମାନେ ଭୟଭୀତ ଅବସ୍ଥାରେ ଗାଁକୁ ଆସନ୍ତି ଏବଂ ସବୁକଥା କହନ୍ତି। ପୁଲିସ ଆସି ଶବ ନେଇଯାଏ। କିଛି ଲୋକ କହନ୍ତି ଠିକ୍ ହୋଇଛି, ଏ ଅସାଧୁ ସାହୁକାରଟା ମରିଛି। ସେଦିନର ସେହି ବେକାର ଯୁବକଟି ଆଜି ସନ୍ତ୍ରାସବାଦୀର ମୁଖା ପିନ୍ଧି ପାଲଟିଛି ଅସତ୍ୟ ପଥରେ ଚାଲୁଥିବା ଏହିପରି ଶହ ଶହ ସାହୁକାରମାନଙ୍କ ପାଇଁ କାଳ। ସାହୁକାର ପରି ସମାଜରେ ରହିଥିବା କଳଂକମାନଙ୍କୁ ପୋଛି ଦେବାପାଇଁ ହିଁ ଆଜି ସେ ସନ୍ତ୍ରାସର ଅସ୍ତ୍ର ଧରି ସାଜିଛି ସନ୍ତ୍ରାସବାଦୀ। ଯେଉଁ ଆଇନ ଶୃଙ୍ଖଳାର ରକ୍ଷକମାନେ ଏହି କାର୍ଯ୍ୟ କରିବା କଥା, ସେମାନେ ନିଜ କର୍ତ୍ତବ୍ୟକୁ ଭୁଲି ଆଜି ରକ୍ଷକ ବଦଳରେ ଭକ୍ଷକ ସାଜିଥିବାରୁ ଏହି କାର୍ଯ୍ୟ ଅନ୍ୟକୁ କରିବାକୁ ପଡୁଛି ଏବଂ ଆଇନ ଆଖିରେ ତାହା ଅପରାଧ ପାଲଟି ଯାଉଛି। ଏଥିପାଇଁ ଦାୟୀ କେବଳ ଆମର ଏ ସମାଜ ଆଉ ସମାଜର କଳୁଷିତ ନୀତି ନିୟମ, ବାଛ ବିଚାର ଓ ଭେଦଭାବ। ସେହି ସାହୁକାର ଠାରୁ ଏହି ରକ୍ତର ଖେଳ ଆରମ୍ଭ ହୋଇ କେତେ ଦୁର୍ନୀତିଖୋର ନେତା, ପୁଲିସ, ବ୍ୟବସାୟୀ ଓ ଅଫିସରଙ୍କ ଯେ ଜୀବନ ନେଇଛି ତା’ର ଇୟତ୍ତା ନାହିଁ। ତଥାପି ସରୁନି ସେ ଖେଳ। ତା’ର ଅଶାନ୍ତ ମନର ଜ୍ୱାଳା ଏ ଯାଏଁ ବି ଥମିନି।ହଠାତ୍ ପୁଣି ଦିନେ ସେ ଦେଖିବାକୁ ପାଏ ନିଜ ସଂଗଠନରେ ମଧ୍ୟ ଚାଲିଛି ଅରାଜକତା। ତା’କୁ କୁହା ଯାଇଥିବା ସବୁ କଥା ପାଲଟିଛି ମିଛ। ସଂଗଠନର କିଛି ମହିଳା ସାଥୀମାନଙ୍କ ଉପରେ ତା’ ଆଖି ସାମ୍ନାରେ ଚାଲିଛି ଅକଥନୀୟ ଅତ୍ୟାଚାର। ମୁହଁ ଖୋଲିଲେ ଛାତିରେ ଗୁଳି ବର୍ଷଣ କରା ଯାଉଛି। ବାହାରୁ ଆସୁଥିବା ଅର୍ଥର ଭାଗ ବଣ୍ଟା ସମୟରେ ବି ଘଟୁଛି ମୁଖିଆ ମୁଖିଆଙ୍କ ଭିତରେ ହତ୍ୟାକାଣ୍ଡ। ଏଠି ବି ସେହି ଗୋଷ୍ଠୀ କନ୍ଦଳ। ପୁଣି ଦିନେ ଅନ୍ୟ ରାଜ୍ୟରୁ ଆସନ୍ତି ବଡ଼ ବଡ଼ ଆତଙ୍କବାଦୀ ସଂଗଠନର ନେତା। ଏଠାରୁ କିଛି ଟାଣୁଆ କର୍ମୀଙ୍କୁ ତାଙ୍କ ସଂଗଠନକୁ ନେବେ, ଭଲ ଖାଦ୍ୟ ଓ ବେଶୀ ଅର୍ଥ ମିଳିବ। ପୂର୍ବ ରେକର୍ଡ ଦେଖି ଏହି ଯୁବକଙ୍କ ସମେତ ତିନି ଚାରିଜଣଙ୍କୁ ଚିହ୍ନଟ କରାଗଲା। ଭାରତ ବିରୋଧୀ ସଂସ୍ଥା ଓ ବ୍ୟକ୍ତିଙ୍କୁ ସଫା କରିବାକୁ କୁହାଯାଇ ସେମାନଙ୍କୁ ସଂଗଠନରେ ମିଶାଗଲା। ପରେ ଦେଖିବାକୁ ମିଳିଲା ପାକିସ୍ଥାନ ସରକାର ଦ୍ୱାରା ପରିଚାଳିତ ବିଭିନ୍ନ ଆତଙ୍କବାଦୀ ସଂଗଠନର ଇଶାରାରେ ଶହ ଶହ ଭାରତୀୟ ନିରୀହ ନାଗରିକଙ୍କୁ ହତ୍ୟା କରାଯାଉଛି। ଏତେବେଳେ ମନ ଓ ବିବେକର ଯୁଦ୍ଧରେ ଅତିଷ୍ଠ ହୋଇପଡ଼ିଲା ସେହି ଯୁବକଟି। ଏବେ ସେ କ’ଣ କରିବ ବୋଲି ଭାବି ଭାବି ତା’ର ମୁଣ୍ଡ ଘୂରାଇଗଲା। ଶେଷରେ ଉପଲବ୍ଧି କଲା, ଏ ଦେଶରେ ସଚ୍ଚା ଦେଶଭକ୍ତଙ୍କ ସଂଖ୍ୟା ଖୁବ୍ କମ୍ ଓ ଦେଶଦ୍ରୋହୀଙ୍କ ସଂଖ୍ୟା ଖୁବ୍ ଅଧିକ।

ଅନ୍ୟାୟ, ଅନୀତି ବିରୁଦ୍ଧରେ ଏବଂ ଅସହାୟମାନଙ୍କ ଉତ୍‌ଥାନ ପାଇଁ ଲଢେଇ କରିବାକୁ କହି ମାଓବାଦୀ ତଥା ଆତଙ୍କ(ସନ୍ତ୍ରାସ)ବାଦୀ ସଂଗଠନରେ ସାମିଲ କରାଇଥିବା ବ୍ୟକ୍ତିମାନଙ୍କର କହିଥିବା କଥାଗୁଡ଼ିକ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହେବା ପରେ ସେ ଏକାବେଳକେ ଭାଙ୍ଗିପଡ଼େ। ତା’ର ଅନ୍ତରାତ୍ମା ତା’କୁ ଥରକୁ ଥର ଚେତାଇ ଦିଏ, ତୁ ଏ କ’ଣ କରୁଛୁ, ଏହା କ’ଣ ମଣିଷର କର୍ତ୍ତବ୍ୟ, ଏଥି ପାଇଁ କ’ଣ ତୋତେ ମଣିଷ ଜନ୍ମ ମିଳିଥିଲା? ଚାରିଆଡ଼ର ଅନ୍ୟାୟ, ଅନୀତି ଓ ହାହାକାର ଦେଖି ସେ ପୁଣି ନିଷ୍ପତ୍ତି ନିଏ, ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ। ତା’କୁ କଥା ଦେଇଥିବା ସରକାର ଓ ପୁଲିସ ମଧ୍ୟ ତା’ ସହ ଖେଳ ଖେଳନ୍ତି। ଜୀବନ ଜୀଇଁବାର ସ୍ଥାୟୀ ସମାଧାନ କରିବାର ପ୍ରତିଶୃତି ଦେଇ ତାହା ବଦଳରେ ତା’କୁ ରଖାଯାଏ ଜେଲ୍‌ରେ, ବର୍ଷ ବର୍ଷ ଧରି। ଶେଷରେ ଜେଲ କୋଠରୀରେ ସେ ଡେଉଁରିଆ ଭିତରେ ଲୁଚାଇ ରଖିଥିବା ସାଇନାଇଡ ଟାବଲେଟଟିକୁ ଦାନ୍ତରେ କାମୁଡ଼ି ଦେଇ ଚାଲିଯାଏ ଆରପାରିକୁ, ସବୁ ଦିନ ପାଇଁ, ଏ ବିଷ ଜର୍ଜ୍ଜରିତ ସଂସାରକୁ ଛାଡ଼ି।ତେଣୁ, ଯେ କୌଣସି କାର୍ଯ୍ୟରେ ଯୋଗ ଦେବାକୁ ମନସ୍ଥ କରିବା ପୂର୍ବରୁ ତାହାର ପରିବେଶ, ପରିସ୍ଥିତି ଓ ପରିଣାମ ସମ୍ବନ୍ଧରେ ସଚେତନ ହେବା ସହ କାହାରି ପ୍ରରୋଚନାରେ ପରିଚାଳିତ ନହୋଇ ନିଜସ୍ୱ ବୁଦ୍ଧି ବଳରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଉଚିତ।

ପଧାନପଡ଼ା, ବନ୍ତ, ଭଦ୍ରକ,
ମୋ-୭୫୦୪୪୨୪୬୦୧

With Best Compliments from:

KALINGA ELECTRICAL CORPORATION

KACHERY ROAD,
BALASORE -756001 (ORISSA)
PH : 265976, 262432(S), FAX : (06782) 265927

ଧ୍ୱନି ପ୍ରତିଧ୍ୱନି

୨୯ ଅଗଷ୍ଟ ୨୦୨୦
ବାଲେଶ୍ୱର,
ଶନିବାର




# ସ୍ୱନକ୍ଷତ୍ର ବିଶେଷାଙ୍କ

## ଭାରତୀୟ ରାଜନୀତିରେ ସିନ୍ଧିଆ ରାଜବଂଶ

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**

ସିନ୍ଧିଆ ମାନେ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଲୋକଲୋଚନକୁ ଆସିଥିଲେ । ମହାରାଷ୍ଟ୍ରର ସାତାରା ଜିଲ୍ଲାରେ କାହ୍ନେରଖେଡର ଜମିଦାର ଥିଲେ ଜାଙ୍କୋଜିରାଓ ସିନ୍ଧିଆ । ସେମାନେ କୁନବି ସଂପ୍ରଦାୟର ଅଟନ୍ତି । ବାହାମାନୀ ସୁଲତାନଙ୍କ ଅଧିନରେ ସେ ଜଣେ ସିଲେଦାର ବା ଅଶ୍ୱାରୋହୀ ରୂପେ ଚାକିରୀ କରୁଥିଲେ । ମହାରାଷ୍ଟ୍ରରେ ମହାବୀର ଶିବାଜୀଙ୍କର ଆବିର୍ଭାବ ଦାକ୍ଷିଣାତ୍ୟର ରାଜନୀତିକୁ ଓଲଟାଇ ଦେଲା । ସେ ଏକ ସ୍ୱାଧିନ ମରାଠା ରାଜ୍ୟ ସ୍ଥାପନ କଲେ । ଡେକାନ ସୁଲତାନ ମାନଙ୍କ ପାଖରେ କାମ କରୁଥିବା ଅନେକ ମରାଠା ତାଙ୍କ ସୈନ୍ୟ ବାହିନୀ ରେ ଯୋଗ ଦେଲେ ।

ଏତକି ବେଳେ ମରାଠା ଛତ୍ରପତି ସାହୁ ଜଣେ ୨୨ବର୍ଷର ଯୁବକ ବାଜି ରାଓଙ୍କୁ ପେଶବା ରୂପେ ନିଯୁକ୍ତ କଲେ ଓ ତାଙ୍କୁ ସମସ୍ତ କ୍ଷମତା ଅର୍ପଣ କଲେ । ପୁରୁଣା ସେନାପତି ମାନେ ଏହି ତରୁଣ ପେଶବାଙ୍କ ଅଧିନରେ କାମ କରିବାକୁ ଅନିଚ୍ଛୁକ ହେଲେ । ଏଥିରେ ଡରି ନଯାଇ ବାଜିରାଓ ନିଜେ ସାଧାରଣ ପରିବାରର କିଛି ଯୁବକ ଙ୍କୁ ନୁତନ ସେନାପତି ରୂପେ ବାଛିଥିଲେ । ସେହି ନବିନ ଯୁବକ ମାନେ ପରେ ଜଣେ ଜଣେ ଅସାଧାରଣ ସେନାପତିରେ ପରିଣତ ହୋଇ, ମରହଟ୍ଟା ସାମ୍ରାଜ୍ୟକୁ ସାରା ଭାରତରେ ବିସ୍ତାର କରିଥିଲେ ଓ ପ୍ରସିଦ୍ଧ ସିନ୍ଧିଆ, ହୋଲକାର, ଭୋନସଲେ, ପାଓ୍ୱାର, ପଣ୍ଡିତ, ଧରବଂଶ ପ୍ରତିଷ୍ଠା କରି ଭାରତର ରାଜନୀତିକୁ ନିୟନ୍ତ୍ରଣ କରିଥିଲେ । ସିନ୍ଧିଆ ରାଜବଂଶର ପ୍ରତିଷ୍ଠାତା ଥିଲେ ରାନୋଜି ସିନ୍ଧେ (୧୭୩୨)। ଉଜ୍ଜୟନୀ ଠାରେ ତାଙ୍କର ରାଜଧାନୀ ଥିଲା । ଏମାନେ ରାଜସ୍ଥାନ ଓ ଦିଲ୍ଲୀ ସମେତ ପଞ୍ଜାବ ଅଧିକାର କରିଥିଲେ । ତୃତୀୟ ପାନିପଥ ଯୁଦ୍ଧ(୧୭୬୧)ରେଏହି ବଂଶର ରାଜା ଦୌଲତରାଓ ଆପଗାନ ମାନଙ୍କ ଦ୍ୱାରା ବନ୍ଦୀ ହୋଇ ମୃତ୍ୟୁ ଦଣ୍ଡ ପାଇଥିଲେ । ତାଙ୍କ ସାନ ଭାଇ ମହାଦଜୀ ଜଣେ ଶ୍ରେଷ୍ଠ ସେନାପତି ଥିଲେ । ତୃତୀୟ ପାନିପଥରେ ବିଧ୍ୱସ୍ତ ସାମ୍ରାଜ୍ୟକୁ ସେ ଆଉଥରେ ଠିଆ କରାଇଲେ । ସେ ଦିଲ୍ଲୀର ମୋଗଲ ବାଦଶାଙ୍କୁ ଗୁଲାମ କାଦେର ନାମକ ଜଣେ ରୋହିଲା ସରଦାର ର ବନ୍ଦୀଶାଳାରୁ ମୁକ୍ତ କରିଥିଲେ ।

୧୮୧୮ ମସିହାରେ ତୃତୀୟ ମରହଟ୍ଟା ଯୁଦ୍ଧରେ ଇଂରେଜ ମାନେ ସିନ୍ଧିଆଙ୍କୁ ପରାସ୍ତ କଲେ । ସେଜଣେ କରଦ ରାଜା ହେଲେ । ଆଜମିର, ରାଜପୁତନା ଓ ଦିଲ୍ଲୀ ତାଙ୍କ ଠାରୁ ଇଂରେଜ ମାନେ ନେଇଗଲେ । ମହାରାଜା ଜିଭାଜି ରାଓ ସିନ୍ଧିଆଙ୍କ ସମୟରେ ଦେଶ ସ୍ୱାଧୀନ ହେଲା । ସିନ୍ଧିଆ ଙ୍କ ରାଜ୍ୟ ଭାରତରେ ମିଶି ମଧ୍ୟ ଭାରତ ୟୁନିଅନ ଗଢାହେଲା । ସିନ୍ଧିଆ ଏହାର ରାଜପ୍ରମୁଖ ହେଲେ । ୧୯୫୬ ମସିହାରେ ଏହା ମଧ୍ୟ ପ୍ରଦେଶ ରାଜ୍ୟରେ ମିଶିଲା ଓ ରାଜ ପ୍ରମୁଖ ପଦ ଲୋପ ପାଇଲା । ତାଙ୍କର ବିଧବାପତ୍ନୀ ବିଜୟାରାଜେ ସିନ୍ଧଆ ୧୯୬୨ ମସିହାରେ କଂଗ୍ରେସ ଦଳ ପ୍ରାର୍ଥୀ ଭାବେ ପାର୍ଲାମେଂଟକୁ ନିର୍ବାଚିତ ହେଲେ । ପରେ ସେ ଭାରତୀୟ ଜନସଂଘରେ ଯୋଗ ଦେଇ ଦଳର ଉପ ସଭାପତି ହୋଇଥିଲେ । ୧୯୭୧ ମସିହାରେ ସମ୍ବିଧାନର୨୬ତମ ସଂଶୋଧନ ଦ୍ୱାରା ରାଜା ମାନଙ୍କର ହାତପାଣ୍ଠି ଓ ପଦବୀ ଲୋପ ପାଇଲା । ବିଜୟାରାଜେ ବିଜେପି ଦଳରେ ଯୋଗ ଦେଇ ଏହାର ଉପସଭାପତି ଥିଲେ । ଗୁନା ଓ ଗ୍ୱାଲିୟରରୁ ସେ ସବୁବେଳେ ଜିତିଥିଲେ। । ୨୦୦୩ ମସିହାରେ ରାଜମାତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ପୁଅ ମାଧବ ରାଓ ସନ୍ଧିଆ ଜନସଂଘରେ ଯୋଗ ଦେଇ ୧୯୭୧ ଓ୧୯୭୭ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୦ ମସିହାରେ ସେ ଇନ୍ଦିରା କଂଗ୍ରେସରେ ମିଶିଲେ ଓ ସମୁଦାୟ ୯ଥର ଜିତି ବହୁବାର ମନ୍ତ୍ରୀ ହୋଇଥିଲେ । ୨୦୦୧ ନଭେମ୍ବର ୩୦ ତାରିଖରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା । ମୃତ୍ୟୁ ପର୍ଯ୍ୟନ୍ତ ସେ ସବୁବେଳେ ଜିତୁ ଥିଲେ । ଅଟଳ ବିହାରି ବାଜପେୟୀ ତାଙ୍କ ଠାରୁ ନିର୍ବାଚନରେ ହାରି ଯାଇଥିଲେ(୧୯୮୪)। ରାଜନୈତିକ ମତ ପାର୍ଥକ୍ୟ ମା ଓ ପୁଅଙ୍କ ସଂପର୍କକୁ ବିଷାକ୍ତ କରିଥିଲା । ଅନେକ ମାଲି ମକଦମାରେ ଉଭୟ ଛନ୍ଦି ହୋଇ ପଡିଥିଲେ । ମାଧବ ରାଓ ଏସବୁ ବିବାଦ ଲାଗି ମାଙ୍କର ସହାୟକ ସର୍ଦାର ଆଂଗ୍ରେ କୁ ଦାୟି କରିଥିଲେ । ରାଜମାତା ପୁଅ କୁ ତେଜ୍ୟ ପୁତ୍ର କରିଥିଲେ ।

ମାଧବ ରାଓଙ୍କ ଭଉଣୀ ବସୁନ୍ଧରା ରାଜେ ମଧ୍ୟ ପ୍ରଦେଶ ଓ ରାଜସ୍ଥାନ ରୁ ପଂଚ ଥର ପାର୍ଲିଆମେଂଟକୁ ନିର୍ବାଚିତ ହୋଇ ଥିଲେ । ଅଟଳଜୀ ଙ୍କ ସମୟରେ ସେ କେନ୍ଦ୍ର ମନ୍ତ୍ରୀ ଥିଲେ । ପରେ ଲାଗ ଲାଗ ଦୁଇଥର ରାଜସ୍ଥାନର ମୁଖ୍ୟ ମନ୍ତ୍ରୀ ପଦ ପାଇଥିଲେ । ତାଙ୍କ ସାନ ଭଉଣୀ ଯଶୋଧାରା ରାଜେ ମଧ୍ୟ ପ୍ରଦେଶ ରାଜନୀତିରେ ସକ୍ରିୟ ଅଛନ୍ତି ଓ ଗତ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ । ବସୁନ୍ଧରାଙ୍କ ପୁଅ ଦ୍ୟୁଷନ୍ତ ସିନ୍ଧିଆ ୨୦୦୪ ନିର୍ବାଚନରେ ଲୋକସଭାକୁ ଯାଇଥିଲେ ।

ବର୍ତ୍ତମାନ ରାଜବଂଶ ର ଯେଉଁ ବ୍ୟକ୍ତି ସାରାଭାରତରେ ଚର୍ଚ୍ଚାର ବସ୍ତୁ ହୋଇଛନ୍ତି,ସେ ହେଇଛନ୍ତି ଏହି ବଂଶ ର ବର୍ତ୍ତମାନ ର ମହାରାଜା ଜ୍ୟୋତିରାଦିତ୍ୟ ସିନ୍ଧିଆ । ସେ ହେଉଛନ୍ତି ପରଲୋକଗତ ମହାରାଜା ମାଧବ ରାଓ ଙ୍କର ଏକମାତ୍ର ପୁଅ । ତାଙ୍କର ମା ନେପାଳର ରାଣା ବଂଶର କନ୍ୟା ଅଟନ୍ତି । ତାଙ୍କର ବିଳାସପୂର୍ଣ୍ଣ ବିବାହ ଦିନେ ସାରାଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା । ଜ୍ୟୋତିବା ୧୯୭୧ ମସିହା ନୂଆବର୍ଷ ଦିନ ଜନ୍ମ ଗ୍ରହଣ କରିଥିଲେ । ଡୁନ ଓ ହାର୍ଭାଡରୁ ସେ ଉଚ୍ଚ ଶିକ୍ଷା ଲାଭକର ିବାପାଙ୍କ ରାଜନୀତିରେ ସାହାଯ୍ୟ କରୁଥିଲାବେଳେ ୨୦୦୧ ମସିହା ନଭେମ୍ବର ୩୦ତାରିଖ ରେ ଏକ ବିମାନ ଦୁର୍ଘଟଣାରେ ମାଧବରାଓ ଙ୍କର ମୃତ୍ୟୁ ଘଟିଲା । ପିତାଙ୍କର ମୃତ୍ୟୁପରେ ଖାଲିପଡିଥିବା ଗୁନା ଲୋକସଭା ନିର୍ବାଚନ ମଣ୍ଡଳିରେ ମଧ୍ୟବର୍ତ୍ତି ନିର୍ବାଚନ୨୦୦୨ରେ ଲଢି ବିଜେପି ପ୍ରାର୍ଥୀଙ୍କୁ ୪୫୦୦୦୦ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ । ୨୦୧୪ ମସିହା ପର୍ଯ୍ୟନ୍ତ ସେ ତାଙ୍କ ପରିବାରର ଗୁନା ଲୋକସଭା ଆସନରୁ ଜିତି ଆସୁଥିଲେ । ସେ ୩ଥର କେନ୍ଦ୍ର ମନ୍ତ୍ରୀ ହୋଇ ଶକ୍ତି, ବାଣିଜ୍ୟ ଓ ଶିଳ୍ପ ବିଭାଗ ଦାୟିତ୍ୱରେ ଥିଲେ । ୨୦୧୯ ଲୋକସଭା ନିର୍ବାଚନରେ ସ ବିଜେପି ପ୍ରାର୍ଥୀ କ୍ରୀଷ୍ଣ ସିଂ ଯାଦବଙ୍କ ଠାରୁ ହାରି ଯାଇଥିଲେ। ମଧ୍ୟ ପ୍ରଦେଶର ଗତ ବିଧାନସଭା ନିର୍ବାଚନରେ ସେ ନିର୍ବାଚନ ପରିଚାଳନା କମିଟିର ସଭାପତି ଥିଲେ ।

ନିର୍ବାଚନରେ୨୩୦ ବିଧାନସଭା ସ୍ଥାନରୁ କଂଗ୍ରେସ ଦଳ ୧୧୩ଟି ସ୍ଥାନ ଜିତି ଏକକ ସଂଖ୍ୟା ଗରିଷ୍ଠ ଦଳ ହେଲା ଓ୧୫ ବର୍ଷ ଧରି ଶାସନ କରୁଥିବା ବିଜେପି ୧୦୭ ସ୍ଥାନ ପାଇଲା । ଅନ୍ୟ ଦଳର ସଭ୍ୟ ମାନଙ୍କ ସହାୟତାରେ କଂଗ୍ରେସ ର କମଳନାଥ ମୁଖ୍ୟମନ୍ତ୍ରୀ ହେଲେ । ରାଜସ୍ଥାନ ରେ ମଧ୍ୟ ୧୦ ବର୍ଷର ବିଜେପି ଶାସନ ର ପତନ ଘଟିଲା । ଛତିଶ ଗଡ, ପଞ୍ଜାବ, ମହାରାଷ୍ଟ୍ର ଓ ଝାଡଖଣ୍ଡରେ ମଧ୍ୟ ବିଜେପିର ପରାଜୟ ହୋଇ ନିଜେ ଏକୁଟିଆ କିମ୍ୱା ମିଳିତ ସରକାର କରି କଂଗ୍ରେସ କ୍ଷମତା ପାଇଲା। ମନେ ହେଲା କଂଗ୍ରେସର ସୁଦିନ ଫେରି ଆସୁଛି । ମାତ୍ର କଂଗ୍ରେସର ଅନ୍ତର୍ନିହିତ ଦୁର୍ବଳତା, ତାହାର ବଂଶଗତ ଶାସନ, ଯୋଗ୍ୟତା ନଥିଲେ ମଧ୍ୟ ପୁତ୍ର ସ୍ନେହରେ ଅନ୍ଧ ସୋନିଆ ଗାନ୍ଧି ଅନ୍ୟ କାହାକୁ ବାଟ ଛାଡିବାକୁ ପ୍ରସ୍ତୁତ ନଥିବା ଦଳକୁ ଦିନକୁଦିନ ଦୁର୍ବଳ କରିଦେଲା । ଦିର୍ଘଦିନ ହେଲା ଦଳର ସଭାପତି ପଦ ସେ ଖାଲି ରଖିଛନ୍ତି, କେତେବେଳେ ଅବୁଝା ଅଲିଅଳ ନନ୍ଦନ ପଦଗ୍ରହଣ ପାଇଁ ରାଜି ହୋଇଯିବ । ନାନା ଅପରାଧରେ ସଂପୃକ୍ତ ଜୋଇଁ ରବର୍ଟ ଭଦ୍ରା ଓ କନ୍ୟା ପ୍ରିୟଙ୍କା ମଧ୍ୟ ଦଳରେ ପ୍ରଭାବ ବିସ୍ତାର କରିଛନ୍ତି । ଅନେକ ଲୋକ ଆଗରୁ ପ୍ରତିବାଦ କଲେ ମଧ୍ୟ ସେମାନଙ୍କୁ ଅପମାନିତ କରି ଦଳରୁ ବିଦା କରାଯାଇଛି । ରାଜସ୍ଥାନର ଶଚିନ ପାଇଲଟ ଓ ମଧ୍ୟ ପ୍ରଦେଶର ସିନ୍ଧିଆ ଯୁବକ ଅଟନ୍ତି । ସେମାନେ ଅନୁଭବ କରୁଛନ୍ତି ରାହୁଲ ଗାନ୍ଧୀଙ୍କ ପାଇଁ ଜାଣି ଜାଣି ଯୁବ ନେତୃତ୍ୱ କୁ ସ୍ଥାନ ଛାଡିବାକୁ ସୋନିଆ ଚାହାଁନ୍ତି ନାହିଁ । ଏଣେ ବୟସ ଚାଲି ଯାଉଛି । ବାପାମାନେ ଗୋଡାଣିଆ ହୋଇ ଅକାଳରେ ମଲେ । କଂଗ୍ରେସରେ ରହିଲେ ସବୁଦିନ ପାଇଁ ଗାନ୍ଧି ପରିବାରର ବଟସ୍କର ହେବାକୁ ପଡିବ । ସେଥିପାଇଁ ଏକ ରିସ୍କ ନେଇଛନ୍ତି ସିନ୍ଧିଆ ବା ତାଙ୍କ ଭାଷାରେ, 'ଲେଟ ଅସ ହାଭ ଏ ନିୟୁ ଷ୍ଟାଟ । ବେଟର ହେଡ ଅଫ ଏଲାୟନ ଦାନ ଟୁ ଟେଲ ଅଫ ଏ ଜାକେଲ।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬



# AQUAPRO SOLUTION FOR HIGHER FISH PRODUCTION

- **Aqua Pro Solution-** ଏହା ଏକ ଉନ୍ନତ ମାନର ମାଛଚାଷ ସମସ୍ୟାର ସମାଧାନ କେନ୍ଦ୍ର।
- ଏହି କେନ୍ଦ୍ରରେ ମାଛଚାଷ ହେଉଥିବା ପୋଖରୀରେ ମାଟି ଏବଂ ପାଣି ପରୀକ୍ଷା କରି ତାର ଗୁଣାତ୍ମକ ମାନ ଏବଂ ଉତ୍ପାଦନ ବଢ଼ାଇବାର ଜ୍ଞାନ କୌଶଳ ଯୋଗାଇ ଦିଆଯାଏ।
- ଏହି କେନ୍ଦ୍ରରେ ଓଡ଼ିଶାର ସରକାରୀ ଏବଂ ବେସରକାରୀ ସ୍ତରରେ ଥିବା ଅଭିଜ୍ଞ ମତ୍ସ୍ୟ ବିଶାରଦମାନଙ୍କୁ ନେଇ ମାଛଚାଷରେ ହେଉଥିବା ଯେକୌଣସି ସମସ୍ୟାର ସମାଧାନ କରାଯାଏ।
- ଏହି କେନ୍ଦ୍ରର ମାଛଚାଷ ବିଶାରଦମାନଙ୍କ ଜ୍ଞାନ କୌଶଳ ମାଧ୍ୟମରେ ଏକ ହେକ୍ଟର ବିଶିଷ୍ଟ ଜଳାୟତନରୁ ବାର୍ଷିକ ୫୦୦୦କି.ଗ୍ରା.ରୁ ୧୦୦୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ଉତ୍ପାଦନ କରିପାରିବେ।
- ଏହି କେନ୍ଦ୍ର ମାଧ୍ୟମରେ ମାଛଚାଷରେ ଉପଯୋଗ ହେଉଥିବା ସମସ୍ତ ପ୍ରକାରର ଚାଷ ଉପଯୋଗୀ ଉପକରଣ, ଉନ୍ନତ ମାନର ମାଛ ଜାଆଁଳ, ମାଛ ଖାଦ୍ୟ, ମାଛ ଔଷଧ, ଚୁନ, ପିଡ଼ିଆ, ଇତ୍ୟାଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ।



ବି.ଦ୍ର.: ଅଧିକ ମାଛ ଉତ୍ପାଦନ କରିବା ପାଇଁ Aqua Pro Solution କେନ୍ଦ୍ରରେ ମାଛଚାଷ ହେଉଥିବା ପୋଖରୀର ମାଟି ଏବଂ ପାଣି ପରୀକ୍ଷା କରି ମାଛଚାଷ ସମ୍ବନ୍ଧୀୟ ଜ୍ଞାନ କୌଶଳ ପାଇଁ ଯୋଗାଯୋଗ କରନ୍ତୁ।

Contact:
Aqua Pro Solution
Near City Clinic, Balia, Balasore
Mob.:9937122729, 9583382439


## କରୋନା ଲୋପ ପାଇଁ ମିଳିତ ଲଢେଇ ଆବଶ୍ୟକ !

**ଶରତ କୁମାର ରାଉତ**

କରୋନା ମହାମାରୀରୁ ମଣିଷ ସମାଜ କେବେ ମୁକ୍ତି ପାଇବ, କେହି ଠିକ୍ ଭାବେ କହି ପାରୁନାହାନ୍ତି। ବରଂ ଏ ସଂପର୍କରେ ମିଳୁଥିବା ବିଭିନ୍ନ ଖବର ମଣିଷର ଚିନ୍ତା ବଢାଇ ଦେଉଛି। କେତେବେଳେ କେଉଁ ରାଜ୍ୟ ବା ସହରରେ କରୋନା ଭୂତାଣୁ ତୀବ୍ର ଗତିରେ ସଂକ୍ରମଣ ହେବାର ଖବର ମିଳୁଛି ତ କେବେ କେଉଁଠି ସଂକ୍ରମଣ କମୁଛି ବୋଲି କୁହାଯାଉଛି। ଏହା ଭିତରେ ମଧ୍ୟ ମୃତ୍ୟୁ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢି ଚାଲିଛି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସୀରୋଲଜିକାଲ୍ ସର୍ଭେରେ କୁଆଡ଼େ ରାଜଧାନୀର ପ୍ରାୟ ଏକ-ଚତୁର୍ଥାଂଶ ଲୋକେ କରୋନା ଭୂତାଣୁ ସଂସ୍ପର୍ଶରେ ଆସିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ବହୁ ଲୋକଙ୍କ ଠାରେ ସଂକ୍ରମଣର କୌଣସି ଲକ୍ଷଣ ଦେଖାନଥିଲା। ଏହା ନିଶ୍ଚୟ ଏକ ଗମ୍ଭୀର ବିଷୟ। ଏଥିରୁ ମନେ ହୁଏ, ଦେଶରେ ସମସ୍ତଙ୍କର କରୋନା ପରିକ୍ଷା କରାଗଲେ, ଦିଲ୍ଲୀ ଭଳି ସାରା ଦେଶରେ ପ୍ରାୟ ଏକ-ଚତୁର୍ଥାଂଶ ଲୋକେ କରୋନା ଭୂତାଣୁରେ ସଂକ୍ରମିତ ଥିବା ଜଣା ପଡ଼ିପାରେ। ଆମ ରାଜ୍ୟର ଗଞ୍ଜାମ ଜିଲ୍ଲା ମଧ୍ୟ କରୋନା ହଟସ୍ପଟ୍‌ରେ ପରିଣତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ଦ୍ୱାରା କିଛିଦିନ ତଳୁ ନିୟମିତ କରୋନା ପରିକ୍ଷା ହେବା ଦିନ ଠାରୁ ପ୍ରତିଦିନ ଶହଶହ ସଂକ୍ରମିତ ରୋଗୀ ବାହାରୁଛନ୍ତି। ପ୍ରତିଦିନ ରୋଗୀ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ଏପରିକି ଓଡ଼ିଶାରେ ଦୈନିକ ଯେତେଜଣ କରୋନା ସଂକ୍ରମିତ ବାହାରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା କେବଳ ଗଞ୍ଜାମ ଜିଲ୍ଲାର ବୋଲି ରିପୋର୍ଟ ପ୍ରକାଶ ପାଉଛି। ତେବେ ଗଞ୍ଜାମ ଜିଲ୍ଲାରେ ପ୍ରତିଦିନ ଲୋକଙ୍କର କରୋନା ପରିକ୍ଷା ହେଉଥିବାରୁ ଶହ ଶହ ସଂକ୍ରମିତ ବାହାରୁଛନ୍ତି ଓ ଏହା ଧୀରେ ଧୀରେ କମିଯିବ ବୋଲି ପ୍ରଶାସନ ପକ୍ଷରୁ କୁହା ଯାଉଛି। ଗଞ୍ଜାମର ଏହି ଚିତ୍ର ଦେଖି ଗଞ୍ଜାମ ସମେତ ସାରା ଓଡ଼ିଶାର ସାଧାରଣ ଲୋକେ ଭୟଭୀତ ହୋଇ ପଡ଼ିଲେଣି। ଭାରତର ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ନିକଟ ଭବିଷ୍ୟତରେ ସଂକ୍ରମଣର ତୀବ୍ରତା ବଢିବାର ଆଶଙ୍କା ମଧ୍ୟ କରାଯାଉଛି। ଯେହେତୁ ଦେଶର ବହୁ ଅଂଚଳରେ କରୋନା ଭୂତାଣୁର ତାଣ୍ଡବ ଚାଲିଛି। ଜାତୀୟ ସ୍ତରରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ୪୬ ହଜାରକୁ ପାର କରି ଗଲାଣି, ଯାହା ନୂଆ ସଂକ୍ରମଣ ମାମଲାରେ ଆମେ ଆମେରିକା ଓ ବ୍ରାଜିଲ୍ ଠାରୁ ମଧ୍ୟ ଆଗକୁ ମାଡ଼ି ଗଲୁଣି। ଏଇଥି ପାଇଁ ହିଁ ଦେଶର କେତେକ ରାଜ୍ୟ ସରକାରଙ୍କୁ ପୁଣି ଲକ୍ ଡ଼ାଉନ୍ ଆଡ଼େ ଫେରିବାକୁ ପଡ଼ିଛି। କୌଣସି ପ୍ରକାର ତୀବ୍ର ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଏବେ ଓଡ଼ିଶାର କେତେକ ଜିଲ୍ଲାରେ ମଧ୍ୟ ପୁଣି ଲକ୍ ଡ଼ାଉନ୍ ଆରମ୍ଭ ହୋଇ ଯାଇଛି। ସେହିପରି ଓଡ଼ିଶାର କିଛି ଜିଲ୍ଲା ଓ ସହରରେ ମଧ୍ୟ ସଟଡ଼ାଉନ୍ ଚାଲିଛି। ଦେଶରେ ଏହି ଗମ୍ଭୀର ଅବସ୍ଥାରେ ମଧ୍ୟ ଲୋକମାନଙ୍କର ପ୍ରଶାସନକୁ ପୂର୍ଣ୍ଣ ସହଯୋଗ ମିଳୁ ନଥିବା ଦେଖା ଯାଉଛି। ଏକଥା କୁହାଯାଇ ପାରିବ ନାହିଁ ଯେ, ଏହି ମହାମାରୀର ଗମ୍ଭୀରତା ସଂପର୍କରେ ଦେଶର କୌଣସି ଅଂଚଳରେ ବା କାହା ପାଖରେ ଖବର ନାହିଁ। ହୁଏତ କିଛି ଲୋକେ କରୋନା ନିୟମ ଠିକ୍ ଭାବେ ପାଳନ କରୁନଥାଇ ପାରନ୍ତି, ତଥାପି ସେମାନଙ୍କୁ ନିୟମ ପାଳନ ପାଇଁ ଅନ୍ୟମାନେ ସଚେତନ କରାଇବା ଉଚିତ। ଆମ ଦେଶର ଭୌଗୋଳିକ ସ୍ଥିତି ଅନୁଯାୟୀ ଆମେ ସମସ୍ତେ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଭାରତର କେତେକ ରାଜ୍ୟରେ ବନ୍ୟାର ସ୍ଥିତି ଭାରି ଗମ୍ଭୀର ଅବସ୍ଥାକୁ ଚାଲି ଯାଇଛି। ଏହି ଅବସ୍ଥାରେ ସାମାଜିକ ଦୂରତ୍ୱ ପାଳନ କରିବା ପ୍ରାୟ ସମ୍ଭବ ନୁହେଁ। ତଥାପି ସଚେତନଶୀଳ ନାଗରିକ ମାନେ ପ୍ରଭାବିତ ଲୋକମାନଙ୍କୁ ଏ ବାବଦରେ ସଚେତନ କରାଇବା ଉଚିତ। ପୁଣି ଏହି ବର୍ଷା ଋତୁ ନିଜ ସାଙ୍ଗରେ ଅନେକ ମାରାତ୍ମକ ରୋଗକୁ ସାଙ୍ଗରେ ଆଣିଥାଏ। ଡେଙ୍ଗୁ ଓ ଚିକନଗୁନିଆ ଭଳି ଅତି ମାରାତ୍ମକ ରୋଗ ପ୍ରତି ବର୍ଷ ଦେଶର ବହୁ ଅଂଚଳରେ ତାଣ୍ଡବ ସୃଷ୍ଟି କରେ। ଏଥିପ୍ରତି ମଧ୍ୟ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ଏବେ ଆମ ପାଇଁ ବଡ଼ ପରିକ୍ଷାର ସମୟ। ବାସ୍ତବରେ କରୋନା ଭୂତାଣୁର ଲୋପ ପାଇଁ ଆମ ହାତରେ ଅସ୍ତ୍ର ଥାଇ ମଧ୍ୟ ଆମେ ସେହି ଅଦୃଶ୍ୟ ଶକ୍ତି ସହ ଲଢି ପାରୁନାହୁଁ। କାରଣ ଆମ ମଧ୍ୟରୁ କିଛି ଲୋକ କରୋନା ଅସ୍ତ୍ର ବ୍ୟବହାର କରୁ ନାହାନ୍ତି। ଉଦାହରଣ ସ୍ୱରୂପ ସର୍ବସାଧାରଣ ସ୍ଥାନରେ ଲୋକେ ଏତେ ଭିଡ଼ କରୁଛନ୍ତି ଯେ, କେହି ବି ସାମାଜିକ ଦୂରତ୍ୱ ମାନୁ ନଥିବା ଦେଖା ଯାଉଛି। ଆହୁରି ଚିନ୍ତାର ବିଷୟ ହେଲା, ବହୁ ସଂଖ୍ୟାରେ ଲୋକେ ଭିଡ଼ ଭିତରେ ବି ମାସ୍କ ପିନ୍ଧୁ ନାହାନ୍ତି। ଏହା ଦ୍ୱାରା ସେମାନେ ନିଜକୁ ଓ ଅନ୍ୟ ଲୋକ ମାନଙ୍କୁ ବିପଦ ଘେରରେ ରଖୁଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସଟ୍ ଡ଼ାଉନ୍ ବ୍ୟବସ୍ଥା ଜାରି ଥିବାବେଳେ ଲୋକମାନେ ମନମୁଖି ବାହାରେ ବୁଲିବା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଉଛି। ସରକାରଙ୍କ କୋଭିଡ୍-୧୯ ଆଇନ ଅନୁଯାୟୀ ଏଭଳି ଅମାନିଆ ଲୋକମାନଙ୍କ ଠାରୁ ଜରିମାନା ଆଦାୟ ହେଲେ ମଧ୍ୟ କେହି ଚେତୁ ନାହାନ୍ତି। ଏହା ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସଟ୍ ଡ଼ାଉନ୍ ର ସଂପୂର୍ଣ୍ଣ ଲାଭ ମିଳୁନାହିଁ। ଦେଶର କିଛି ଅଂଚଳରେ ବାରମ୍ବାର ଲକ୍ ଡ଼ାଉନ୍ କିମ୍ବା ସର୍ଟ ଡ଼ାଉନ୍ ବଢାଇବାର ମୁଖ୍ୟ କାରଣ ଅମାନିଆ ଲୋକଙ୍କ ଅସାବଧାନତା। ଆହୁରି ଚିନ୍ତାର ବିଷୟ ହେଲା, ଆମ ଦେଶରେ ଲୁଚି ଛପି ସଭା, ସମିତି ଆଦି ଆୟୋଜନ କରା ଯାଉଥିବାରୁ ଗୋଟିଏ ସ୍ଥାନରେ ଅସମ୍ଭବ ଭିଡ଼ ଜମୁଛି। ଏଭଳି ଅସାବଧାନତା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଆଉ ଏଥିଯୋଗୁ କରୋନା ସଂକ୍ରମଣ ତୀବ୍ର ଗତିରେ ବଢୁଛି ଓ ଏହା ଫଳରେ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପ୍ରଭାବିତ ହେଉଛି। ସରକାରୀ ଆଇନ ପାଳନ କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ସମସ୍ତେ ମିଶି ଲଢେଇ ନକଲେ, ଆମେ କରୋନା ମହାମାରୀକୁ ଜିତି ପାରିବା ନାହିଁ।

> କରୋନା ମହାମାରୀରୁ ମଣିଷ ସମାଜ କେବେ ମୁକ୍ତି ପାଇବ, କେହି ଠିକ୍ ଭାବେ କହି ପାରୁନାହାନ୍ତି। ବରଂ ଏ ସଂପର୍କରେ ମିଳୁଥିବା ବିଭିନ୍ନ ଖବର ମଣିଷର ଚିନ୍ତା ବଢାଇ ଦେଉଛି। କେତେବେଳେ କେଉଁ ରାଜ୍ୟ ବା ସହରରେ କରୋନା ଭୂତାଣୁ ତୀବ୍ର ଗତିରେ ସଂକ୍ରମଣ ହେବାର ଖବର ମିଳୁଛି ତ କେବେ କେଉଁଠି ସଂକ୍ରମଣ କମୁଛି ବୋଲି କୁହାଯାଉଛି। ଏହା ଭିତରେ ମଧ୍ୟ ମୃତ୍ୟୁ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢି ଚାଲିଛି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସୀରୋଲଜିକାଲ୍ ସର୍ଭେରେ କୁଆଡ଼େ ରାଜଧାନୀର ପ୍ରାୟ ଏକ-ଚତୁର୍ଥାଂଶ ଲୋକେ କରୋନା ଭୂତାଣୁ ସଂସ୍ପର୍ଶରେ ଆସିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ବହୁ ଲୋକଙ୍କ ଠାରେ ସଂକ୍ରମଣର କୌଣସି ଲକ୍ଷଣ ଦେଖାନଥିଲା। ଏହା ନିଶ୍ଚୟ ଏକ ଗମ୍ଭୀର ବିଷୟ।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ: ୯୩୩୭୩୬୯୪୪୮



*With best compliments from:*

# HEALTHY LIFE YOGA CENTRE

**Chidiapolo, Balasore**

## INSTITUTE OF NATURE CURE & YOGIC SCIENCE

Contact: Mob: 9437267278, 9861161573

We Serve With Following Disease

- Women Disease Treatment
- Diabetes, Heart Attack
- Kidney Disease, Blood Pressure
- Psychotherapy Clinic (Govt. Approved)

Dr. Chittaranjan Sahu
BPT, BNYS, M.Sc. Ph.D
in Yoga & Naturopathy

# ଦିନକରେ ୮୭ କରୋନା ପଜିଟିଭ୍ ଚିହ୍ନଟ

## ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୩୮୧କୁ ବୃଦ୍ଧି

ବାଲେଶ୍ୱର,୨୮।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪ଲକ୍ଷ ଛୁଇଁଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୬୧ହଜାର ଅତିକ୍ରମ କରିଛି। ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୩୬୮୨ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୪ହଜାର ଅତିକ୍ରମ କରିଛି। ଅନ୍ୟପକ୍ଷରେ ଆଜି ୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୪୫୬ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୮୧ରେ ପହଞ୍ଚିଛି। ଅଦ୍ୟାବଧି ୨୩୮୨ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୮୫ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୯ରେ ସ୍ଥିର ରହିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୮୭ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୨୩ ଜଣ ଥିବା ଜଣାପଡ଼ିଛି। ସହରର ଆଜିମାବାଦର ଜଣେ ପୁରୁଷ, ଏଡିଏମଛକର ଜଣେ ପୁରୁଷ, ଗଡ଼ଗଡ଼ିଆର ଜଣେ ପୁରୁଷ ଓ ୨ ଜଣ ମହିଳା, ମାଣିଖମ୍ବର ଜଣେ ପୁରୁଷ, ସହଦେବଖୁଣ୍ଟାର ୩ ଜଣ ପୁରୁଷ ଓ ଜଣେ ମହିଳା, ତେଲେଙ୍ଗାସାହିର ୨ ଜଣ ମହିଳା, ଭାସ୍କରଗଞ୍ଜର ଜଣେ ପୁରୁଷ, ଗୋପାଳଗାଁର ଜଣେ ପୁରୁଷ ଓ ୨ ଜଣ ମହିଳା, ମଠସାହିର ଜଣେ ପୁରୁଷ, ରାଣୀପାଟଣାର ଜଣେ ପୁରୁଷ, ଦମୋଦରପୁରର ଜଣେ ମହିଳା, କଲ୍ୟାଣନଗରର ଜଣେ ପୁରୁଷ, ନୂଆବଜାରର ୨ ଜଣ ପୁରୁଷ ଏବଂ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଦୁଇଜଣ ପୁରୁଷ କର୍ମଚାରୀ ମଧ୍ୟ କରୋନା ପଜିଟିଭ୍ ହୋଇଛନ୍ତି। ଜିଲ୍ଲାରେ ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୪୯୫ ଚିହ୍ନଟ, ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୨୧୫ ରେ ପହଞ୍ଚିଲା

ରାୟଗଡ଼ା,୨୮।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁ ହୁ ହୋଇ ବିସ୍ତାର କରିବାରେ ଲାଗିଛି। ଆଜି ଜିଲ୍ଲାରେ ସର୍ବାଧିକ ୪୯୫ ଚିହ୍ନଟ ହୋଇଛି । ଆକ୍ରାନ୍ତଙ୍କ ମଧ୍ୟରୁ ୩୭୬ ଜଣ ପୁରୁଷ ଥିବା ବେଳେ ୧୧୯ ଜଣ ମହିଳା ଅଛନ୍ତି। ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗ ରୋଧରୁ ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ୨୮୧ ଜଣ ଆକ୍ରାନ୍ତ ହୋଇଛନ୍ତି । ଏଥିସହିତ ୧୦ ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି । ରାୟଗଡ଼ା ପୌରାଞ୍ଚଳରୁ ଆଜି ସର୍ବାଧିକ ୧୯୧ ଜଣ ଓ ରାୟଗଡ଼ା ଗ୍ରାମାଞ୍ଚଳରୁ ୭ ଜଣ, ବିଷମକଟକରୁ ୮୫ ଜଣ, ମୁନିଗୁଡାରୁ ୩ ଜଣ, ଗୁଡ଼ାରୀରୁ ୩୦ ଜଣ, ଗୁଣୁପୁର ପୌରାଞ୍ଚଳରୁ ୬୨ ଏବଂ ଗୁଣୁପୁର ଗ୍ରାମାଞ୍ଚଳରୁ ୯୮ ଜଣ ଏବଂ କାଶିପୁରରୁ ୧୮ ଜଣ ଓ ମାଲକାନଗିରି ଜିଲ୍ଲାର ଜଣେ ଏଠି ଚିହ୍ନଟ ହୋଇଥିବା ଜଣାପଡିଛି। ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ ୪୨୧୬ ରେ ପହଞ୍ଚି ସାରିଛି । ଏବଂ ୨୨୭୮ ଜଣ ସୁସ୍ଥ ହୋଇ ଫେରିଥିବା ଜଣା ପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧ରେ ପହଁଚିଛି। ୧୯୧୬ ଜଣ ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟର୍‌ରେ ଚିକିତ୍ସିତ ହେଉଥିବା ସହ ଘରୋଇ ସଙ୍ଗ ରୋଧରେ ମଧ ରହି ଚିକିତ୍ସିତ ହେଉଛନ୍ତି। ଜିଲ୍ଲାପାଳଙ୍କ ମନ୍ତବ୍ୟରେ ସେ ସର୍ବସାଧାରଣଙ୍କୁ ଏହା ଜଣାଇଛନ୍ତି କି ଯେ ଜିଲ୍ଲାରେ ଟେଷ୍ଟ ସଂଖ୍ୟା ବଢ଼ିଛି ତେଣୁ ପଜିଟିଭ୍ ସଂଖ୍ୟା ବି ବଢୁଛି, ଏଥିରେ ଭୟ କରିବାର ନାହିଁ, ଆଗାମୀ ଦିନରେ ଏହା କମି କମି ଆସିବ । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରଶାସନ ଓ ମନ୍ତ୍ରୀ ନେତାଙ୍କ ପକ୍ଷରୁ କରୋନା ମୁକାବିଲା ପାଇଁ ଆଲୋଚନା ଓ ସମିକ୍ଷା ଚାଲିଥିବା ଜଣାପଡିଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ, କର୍ମଚାରୀ ଏହି ଯୁଦ୍ଧରେ ଭାଗ ନେଇଛନ୍ତି। ସମସ୍ତେ ଦିନ ରାତି ଭୁଲି କରୋନାକୁ ପରାସ୍ତ କରିବା ପାଇଁ ଲାଗି ପଡିଛନ୍ତି। ଆମେ ସମସ୍ତେ କରୋନାକୁ ଘୃଣା କରିବା କିନ୍ତୁ ରୋଗୀକୁ କେବେ ବି ନୁହଁ। କାରଣ ରୋଗ ସବୁବେଳେ ଆମ ସହ ରହିଛି ଆଉ ଯେଉଁ ପର୍ଯ୍ୟନ୍ତ ଏହାର ଠିକ୍ ଔଷଧ ବାହାରିନି ସେତେବେଳ ଯାଏଁ ଆମ ସହିତ ରହିବ । ତେଣୁ ପ୍ରଶାସନ ତରଫରୁ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଛି।


## ମୁନିଗୁଡ଼ା ପୋଲିସର ବଡ଼ ସଫଳତା: ବନ୍ଧୁକ ତିଆରି ସାମଗ୍ରୀ ଜବତ, ଦୁଇଜଣ ଗିରଫ ଓ କୋର୍ଟ ଚାଲାଣ



ଗୁଣୁପୁର ,୨୮।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଗୁଣୁପୁର ଉପଖଣ୍ଡ ଅନ୍ତର୍ଗତ ମୁନିଗୁଡା ସଦର ପୋଲିସକୁ ମିଳିଛି ଏକ ବଡ଼ ସଫଳତା । କରୋନା ଯୋଦ୍ଧା ସାଜି ରାତିଦିନ ବୁଲି ବୁଲି ପୋଲିସ୍ ତାର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଚାରି ଆଖି ହୋଇ କ୍ରାଇମକୁ ମଧ ଲୋକଲୋଚନକୁ ଆଣି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ଲାଗିଛି । ଯାହାକି ଗତକାଲି ଗୁଣୁପୁର ଉପଖଣ୍ଡ ମୁନୀଗୁଡା ବ୍ଲକ ପାତ୍ରଗୁଡା ପଞ୍ଚାୟତର ବୁର୍ଜୁଗୁଡା ଗ୍ରାମ ନିକଟରେ ଚୋରା ବନ୍ଧୁକ ତିଆରି ଶାଳ ଉପରେ ମୁନିଗୁଡା ପୋଲିସ୍ ହଠାତ୍ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ ସେଠାରୁ ଗିରଫ କରି ଥିଲା । ୬୦ ବର୍ଷୀୟ ବୁର୍ଜୁଗୁଡା ଗ୍ରାମର ଗୌରାଙ୍ଗ କରକରିଆ ଓ ୬୧ ବର୍ଷୀୟ ହାତିରାମ ଉର୍ଲାସିକାଙ୍କୁ ଗିରଫ କରି୍ବା ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ କରିଥିଲା। ସୂଚନା ମୁତାବକ ଏହି ଅଞ୍ଚଳରେ ପୋଲିସ୍ ନକଲି ମଦ, ନକଲି ଗୁଟୁକା ଓ ନକଲି ବନ୍ଧୁକ ତିଆରିକୁ କଡା ନଜର ରଖିଛି । ଆଇଆଇସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଦେହୁରୀ ଅଞ୍ଚଳ ରେ ଏହି ସବୁ କାର୍ଯ୍ୟ ପାଇଁ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଏବଂ ଜାଲ ମଧ ବିଛାଇ ଥିବା ଜଣାପଡିଛି। କୌଣସି ଏକ ବିଶେଷ ସୂତ୍ରରୁ ଖବରପାଇ ଆଇଆଇସି ଶ୍ରୀ ଦେହୁରୀଙ୍କ ନିର୍ଦ୍ଦେଶରେ ଏସ୍ ଆଇ ଅଶୋକ କୁମାର ବିଶୋଇଙ୍କ ନେତୃତ୍ୱରେ ହାବିଲଦାର ଶ୍ରୀନିବାସ ଦଳେଇ, ପୋଲିସ ନିରନ ଦାଶ, ରବି ବିଡିକା, ଏବଂ ଅନ୍ୟାନ୍ୟ ପୋଲିସ୍ କର୍ମଚାରୀ, ହୋମଗାର୍ଡ ମିଳିତ ଭାବେ କାଲି ଅପରାହ୍ନ ପ୍ରାୟ ପାଞ୍ଚଘଟିକା ସମୟରେ ବୁର୍ଜୁଗୁଡା ଗ୍ରାମ ନିକଟରେ ଚୋରା ବନ୍ଧୁକ ତିଆରି ଶାଳ ଉପରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ୧୩ ଗୋଟି ବନ୍ଧୁକ ତିଆରି ସାମଗ୍ରୀ ଜବତ କରି ଥାନା କେସ୍ ନମ୍ବର ୧୨୦/୦୨୦ ପ୍ରକାରେ ଦଫା ୨୫ ଆର୍ମସ୍ ଆକ୍ଟ ଅନୁଯାୟୀ ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶ୍ରୀ ଦେହୁରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଆରଓବି ପକ୍ଷରୁ ଏନଆରଏ: ଏକ ନୂତନ ଯୁଗର ଅୟମାରମ୍ଭ ଶୀର୍ଷକ ୱେବିନାର

- ଦେଶରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବ ଏନଆରଏ
- ସରକାରୀ ଗ୍ରୁପ-ବି ଓ ଗ୍ରୁପ-ସି ଚାକିରି ଲାଗି ଏକକ ଯୋଗ୍ୟତା ପରୀକ୍ଷା




ଭୁବନେଶ୍ୱର,୨୮।୮ (ନି.ପ୍ର): ଜାତୀୟ ନିଯୁକ୍ତି ସଂସ୍ଥା (ଏନଆରଏ) ଦେଶରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବ । ଏନଆରଏ ଦ୍ୱାରା ଆୟୋଜିତ ହେବାକୁ ଥିବା ଏକକ ଯୋଗ୍ୟତା ପରୀକ୍ଷା (ସିଇଟି) ସମସ୍ତ ଆଶାୟୀ ପରୀକ୍ଷାର୍ଥ ବିଶେଷକରି ଗ୍ରାମାଞ୍ଚଳ ଓ ପଛୁଆବର୍ଗର ଯୁବକଯୁବତୀ ଓ ମହିଳାମାନଙ୍କ ପାଇଁ ଚୟନ ପ୍ରକ୍ରିୟାକୁ ସରଳ, ସୁଗମ ଓ ସୁଲଭ କରିବ । ଆଜି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ଭୁବନେଶ୍ୱର ପକ୍ଷରୁ 'ଜାତୀୟ ନିଯୁକ୍ତି ସଂସ୍ଥା: ଏକ ନୂତନ ଯୁଗର ଅୟମାରମ୍ଭ' ଶୀର୍ଷକ ୱେବିନାରରେ ଯୋଗଦେଇ ବିଶେଷଜ୍ଞମାନେ ଏହି ମତ ପ୍ରକାଶ କରିଛନ୍ତି । ୱେବିନାରରେ ଯୋଗଦେଇ ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶ୍ରୀକୃଷ୍ଣ ଦେବରାଓ କହିଛନ୍ତି, ଦେଶରେ ମାନବ ସମ୍ବଳର ବିକାଶ ଦିଗରେ ଜାତୀୟ ନିଯୁକ୍ତି ସଂସ୍ଥା ଗଠନ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏନଆରଏ ଦ୍ୱାରା ଆୟୋଜିତ ହେବାକୁ ଥିବା ସିଇଟି ପରୀକ୍ଷା ଚାକିରି ଆଶାୟୀମାନଙ୍କ ପାଇଁ ବିଶେଷ ଫଳପ୍ରଦ ହେବ । ସିଇଟିରେ ସୂଚନା ପ୍ରଯୁକ୍ତିର ପ୍ରୟୋଗ ହେବ ଏବଂ ଅନଲାଇନ ପରୀକ୍ଷା ହେବ, ଯାହାକି ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବ । ବର୍ତ୍ତମାନ ଚାକିରି ଆଶାୟୀଙ୍କୁ ଆଉ ଏକାଧିକ ପରୀକ୍ଷା ଦେବାକୁ ପଡ଼ିବ ନାହିଁ । ବିଭିନ୍ନ ଗ୍ରୁପ-ବି ଓ ଗ୍ରୁପ-ସି ବର୍ଗର ସରକାରୀ ଚାକିରି ପାଇଁ ଏକକ ଯୋଗ୍ୟତା ପରୀକ୍ଷା ଅନୁଷ୍ଠିତ ହେବ । ଏହା ଫଳରେ ଯୁବକଯୁବତୀଙ୍କ ଉଭୟ ସମୟ ଓ ଅର୍ଥ ଯଥେଷ୍ଟ ପରିମାଣରେ ସଞ୍ଚୟ ହୋଇପାରିବ । ଦେଶର ସମସ୍ତ ଜିଲ୍ଲାରେ ସିଇଟି ପରୀକ୍ଷା କେନ୍ଦ୍ର ଖୋଲାଯିବା ଫଳରେ ଆଶାୟୀ ପ୍ରାର୍ଥୀଙ୍କୁ ଦୂରଦୂରାନ୍ତକୁ ଯାତ୍ରା କରିବାକୁ ପଡ଼ିବ ନାହିଁ ବୋଲି ଡ.ରାଓ କହିଛନ୍ତି । ୱେବିନାରରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ଲୋକସେବା ଆୟୋଗର ସଚିବ ଶ୍ରୀ ଅଶୋକ କୁମାର ଦାସ କହିଛନ୍ତି, ଏନଆରଏ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ, ଭାରତ ଭଳି ଏକ ବିଶାଳ ଓ ବିବିଧତାପୂର୍ଣ୍ଣ ରାଷ୍ଟ୍ରରେ ଏହାର ସଠିକ ରୂପାୟନ ଅତି ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ସରକାରଙ୍କୁ ପୂର୍ବର ବିଭିନ୍ନ ଅନୁଷ୍ଠାନ ଓ ପରୀକ୍ଷା ପଦ୍ଧତିକୁ ଅନୁଶୀଳନ କରିବା ଓ ସମୀକ୍ଷା କରିବା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ଦାସ ମତପୋଷଣ କରିଛନ୍ତି । ୱେବିନାରରେ ଯୋଗଦେଇ ଓଡ଼ିଶା ଷ୍ଟାଫ ସିଲେକ୍ସନର ସଚିବ ଶ୍ରୀ ଅକ୍ଷୟ କୁମାର ମହାନ୍ତି କହିଲେ, ସିଇଟି ପରୀକ୍ଷା ହେବାଦ୍ୱାରା ଆରଆରବି, ଏସଏସସି ଓ ଆଇବିପିଏସ ଭଳି ବିଭିନ୍ନ ନିଯୁକ୍ତି ସଂସ୍ଥା ଦ୍ୱାରା ହେଉଥିବା ବହୁସ୍ତରୀୟ ପ୍ରାରମ୍ଭିକ ଚୟନ ପ୍ରକ୍ରିୟାରୁ ଛାତ୍ରଛାତ୍ରୀମାନେ ମୁକ୍ତି ପାଇବେ । ସେମାନଙ୍କୁ କେବଳ ଗୋଟିଏ ପରୀକ୍ଷା ଦେବାକୁ ପଡ଼ିବ । ଏଥି ସହିତ ଗୋଟିଏ ପୋର୍ଟାଲରେ ପଞ୍ଜୀକରଣ ଓ ଅନଲାଇନ ପରୀକ୍ଷା ଛାତ୍ରଛାତ୍ରୀଙ୍କୁ ସହାୟକ ହେବ । ଆଗରୁ ଉପାନ୍ତ ଓ ଗ୍ରାମୀଣ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ରାଜଧାନୀ ଓ ଅନ୍ୟ ପ୍ରମୁଖ ସହରକୁ ପରୀକ୍ଷା ଦେବାଲାଗି ଆସିବାକୁ ପଡୁଥିଲା । ବର୍ତ୍ତମାନ ସେମାନେ ନିଜ ଜିଲ୍ଲାରେ ହିଁ ପରୀକ୍ଷା ଦେଇପାରିବେ । ଏହା ବିଶେଷ କରି ଗରବ, ଭିନ୍ନକ୍ଷମ, ମହିଳା ଓ ପଛୁଆବର୍ଗଙ୍କୁ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଥିଲେ । ୱେବିନାରରେ ଯୋଗଦେଇ ଆରଓବିର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଗଣତନ୍ତ୍ରରେ ନିଯୁକ୍ତି ପ୍ରକ୍ରିୟା ଏକ ମୌଳିକ ବିଷୟବସ୍ତୁ । ଏହା ଜନସାଧାରଣଙ୍କୁ ସରକାରଙ୍କ ସହ ଯୋଡ଼ିଥାଏ । ଏନଆରଏ ଦେଶରେ ଏକ ସୁଦୃଢ଼ ଓ ସୁବ୍ୟବସ୍ଥିତ ନିଯୁକ୍ତି ପ୍ରକ୍ରିୟା ଆଣିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ୱେବିନାରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ଅଧକ୍ଷତା କରିଥିଲେ । ଏନଆରଏ ଦେଶର ନିଯୁକ୍ତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ମାଲବ୍ୟ କହିଥିଲେ । ଏହି ୱେବିନାରକୁ ଆରଓବିର କ୍ଷେତ୍ର ପ୍ରଚାର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ପରିଚାଳନା କରିଥିଲେ, ସହାୟକ ନିର୍ଦ୍ଦେଶକ ଶ୍ରୀ ରାମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ୱେବିନାରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦଶନ୍ଧି ଦଶନ୍ଧିର ପ୍ରତିଶ୍ରୁତିକୁ...

କରିବା ମୋଦି ସରକାରଙ୍କ ମାନବିକତାର ପରିଚୟ । ସେହିପରି ଆତଙ୍କବାଦ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଭାରତର ସାର୍ବଭୌମତ୍ୱ ଉପରେ ଆକ୍ରମଣ କୌଣସି ଖେଳ ଘର ନୁହଁ ବୋଲି ହୃଦୟଙ୍ଗମ କରାଇବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱକୁ ଦର୍ଶାଉଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ରାଜନୈତିକ ପରମ୍ପରାରେ ପରିବର୍ତ୍ତନ ଆସିଛି । ମୋଦି ସରକାରଙ୍କ ସମସ୍ତ ନିଷ୍ପତି ଇସ୍ପାତି ଇରାଦାକୁ ଦର୍ଶାଉଛି ଏବଂ ଐତିହାସିକ ଭୁଲକୁ ସୁଧାରି ଭାରତର ବିକାଶକୁ ତ୍ୱରାନ୍ୱିତ କରୁଛି । ମୋଦି ସରକାର ସୁଶାସନ ଜରିଆରେ ନାଗରିକଙ୍କ ପ୍ରତିଶ୍ରୁତିକୁ ପୂରଣ କରି ସେମାନଙ୍କ ଆକାଂକ୍ଷାକୁ ପୂରଣ କରିଛନ୍ତି ଓ ଆତ୍ମନିର୍ଭର ଭାରତ କରିବା ଦିଗରେ ସଂକଳ୍ପବଦ୍ଧ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଭାରତର ବିକାଶ ଯାତ୍ରା ଅତୁଳନୀୟ । ବିଗତ ୬ ବର୍ଷରେ ପ୍ରଶାସନିକ ବ୍ୟବସ୍ଥାକୁ ସ୍ୱାଧୀନତା ଦିଆଯିବା ଏବଂ ଏହି କାରଣରୁ ଦେଶରେ ପ୍ରଗତି ଏବଂ ସମୃଦ୍ଧିର ଏକ ନୂଆ ସକାଳର ଉଦୟ ହେବାର ସାକ୍ଷୀ ସମସ୍ତେ ହୋଇଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

### ରାଜ୍ୟରେ ବନ୍ୟା...

ହେଉଥିଲା । ଆଜି ଜଳସ୍ତର ଅନେକ କମିଛି ଏବଂ ଏବେ ସ୍ଥିର ଅଛି । ଆଜି ବର୍ଷା ହୋଇନଥିବାରୁ ଏହି ଜଳସ୍ତର ଆହୁରି କମିବ ବୋଲି ଆଶା କରାଯାଉଛି । ବୈତରଣୀ ନଦୀରେ ଆନନ୍ଦପୁରଠାରେ ବିପଦ ସଂକେତ ୩୮.୩୬ ମିଟର ଥିବା ବେଳେ ଆଜି ଦିନ ୨ଟା ସୁଦ୍ଧା ଏଠାରେ ଜଳସ୍ତର ୩୭.୪୬ ମିଟର ପ୍ରବାହିତ ହେଉଥିଲା । ସେହିପରି ଆଖୁଆପଦାରେ ଜଳସ୍ତର ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ଆଜି ଦିନ ୨ଟା ସୁଦ୍ଧା ଏଠାରେ ପ୍ରବାହିତ ଜଳସ୍ତର ଥିଲା ୧୯.୨୯ ମିଟର । ମାତ୍ର ଗତକାଲି ଆନନ୍ଦପୁରଠାରେ କୌଣସି ନଦୀର ଜଳସ୍ତର ୪୦.୮୩ ମିଟରକୁ ଉଠିନଥିଲାବେଳେ ଆଖୁଆପଦାଠାରେ ଏହାର ଜଳସ୍ତର ୨୦.୦୪ ମିଟରକୁ ଉଠିଥିଲା । କ୍ରମଶଃ ଏହାର ଜଳସ୍ତର କମିବାରେ ଲାଗିଛି ଏବଂ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । କେନ୍ଦୁଝର, ଯାଜପୁର, ମୟୁରଭଂଜରେ ଆଉ ବର୍ଷା ହୋଇନଥିବାରୁ ବୈତରଣୀ ନଦୀର ଜଳସ୍ତର କମିବ ବୋଲି ଆଶା କରାଯାଉଛି ।ସେହିପିର ବ୍ରାହ୍ମଣୀ ନଦୀରେ ଭଲଭଣ୍ଡାରର ଜଳସ୍ତର ବର୍ତମାନ ସ୍ଥିତିରେ ୧୨୩.୮୫ ମିଟର ଥିବା ବେଳେ ଜଳଭଣ୍ଡାର ମଧ୍ୟକୁ ୭୫୪୦.୨୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଏଠାରୁ ୪ଟି ଗେଟ୍ ମାଧମରେ ୭୫୪୦.୨୮ କ୍ୟୁସେକ୍ ଜଳ ନିଷ୍କାସିତ କରାଯାଉଛି । ମନ୍ଦିରା ଡ୍ୟାମ୍‌ରୁ ୧୭୦୦ କ୍ୟୁସେକ୍ ହାରରେ ଜଳ ନିଷ୍କାସନ ଜାରି ରହିଛି ଏବଂ ଏହା ବ୍ରାହ୍ମଣୀ ନଦୀକୁ ପ୍ରବେଶ କରୁଛି ।ବ୍ରାହ୍ମଣୀ ନଦୀ ଅବବାହିକାରେ ପଙ୍କପାଳ ଠାରେ ଜଳସ୍ତର ବିପଦ ସଂକେତ ୨୫.୦୦ ମିଟର ଥିବା ବେଳେ ଏବେ ସେଠାରେ ୨୩.୪୫ ମିଟରରେ ଜଳ ପ୍ରବାହିତ ହେଉଛି । ଆଜି ପଙ୍କପାଳ ଠାରେ ଏହାର ଜଳସ୍ତର ସର୍ବୋଚ୍ଚ ୨୩.୪୬ ମିଟରକୁ ଛୁଇଁଥିଲା । କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ମୁତାବକ ପଙ୍କପାଳ ଠାରେ ୧୦.୩୩୮.୪୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ବ୍ରାହ୍ମଣୀ ନଦୀର ଜଳସ୍ତର କ୍ରମଶଃ କମିବାରେ ଲାଗିଛି । ମହାନଦୀ ଜଳଭଣ୍ଡାରର ଜଳସ୍ତର ୬୨୫.୨୯ ମିଟରରେ ଅଛି । ବର୍ତମାନ ଜଳଭଣ୍ଡାର ମଧ୍ୟକୁ ୬,୯୦,୧୧୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲା ବେଳେ ଜଳଭଣ୍ଡାର ମଧ୍ୟରୁ ୪,୧୧,୯୮୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଆଜି ଦିନ ୨ଟା ସୁଦ୍ଧା ୩୬ଟି ଗେଟ୍ ଖୋଲାଅଛି । ଜଳଭଣ୍ଡାର ମଧ୍ୟକୁ ସର୍ବାଧିକ ୮ ଲକ୍ଷ କ୍ୟୁସେକ୍ ପ୍ରବେଶ କରିବାର ସମ୍ଭାବନା ଅଛି । ଫଳସ୍ୱରୂପ ସର୍ବାଧିକ ୪୨ଟି ଗେଟ୍ ଖୋଲାଯାଇପାରେ । ସମୁଦାୟ ନିଷ୍କାସିତ ଜଳରାଶିରୁ ଖଇରମାଳ ଠାରେ ୯,୯୩,୦୦୦ କ୍ୟୁସେକ୍, ବରମୂଳଠାରେ ୭,୩୪,୨୫୦ କ୍ୟୁସେକ୍ ଏବଂ ମୁଣ୍ଡଳିଠାରେ ୭,୧୧,୦୦୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ମୁଣ୍ଡଳିଠାରେ ସର୍ବାଧିକ ୧୦,୦୦,୦୦୦ କ୍ୟୁସେକ୍‌ରୁ ୧୦,୫୦,୦୦୦ କ୍ୟୁସେକ୍ ଜଳ ନିଷ୍କାସିତ ହେବାର ଆକଳନ କରାଯାଉଛି । ଏହା ହେଉଛି ନଦୀ ମାନଙ୍କର ବନ୍ୟାଜନିତ ସ୍ଥିତି । ଆଜି ସୁଦ୍ଧା ବନ୍ୟାଜନିତ କ୍ଷୟକ୍ଷତିର ଆକଳନ : ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତିରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଯାଜପୁର, ଢ଼େଙ୍କାନାଳ, ନୂଆପଡ଼ା, ଦେବଗଡ଼ ତଥା ସୋନପୁର ଆଦି ୧୦ଟି ଜିଲ୍ଲାର ୫୪ଟି ବ୍ଲକ୍ ଅନ୍ତର୍ଗତ ୧୨୭୬ ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି । ସମୁଦାୟ କ୍ଷତିଗ୍ରସ୍ତ ହୋଇଥିବା ଲୋକସଂଖ୍ୟା ଏ ପର୍ଯ୍ୟନ୍ତ ୪,୧୫,୮୧୭ ରହିଛି । ୫୫୨ ଟି ଗ୍ରାମର ୩,୮୩,୦୪୬ ଜଣ ଲୋକ ପାଣି ଘେରରେ ରହିଛନ୍ତି ।ବର୍ତମାନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଆକଳନରେ ସମୁଦାୟ କ୍ଷତିଗ୍ରସ୍ତ ହୋଇଥିବା ଘର ସଂଖ୍ୟା, ୨,୭୫୭ ମଧ୍ୟରୁ ୨୭୮ଟି ଘର ସମ୍ପୂର୍ଣ୍ଣ ବା ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଛି । ୧୮,୫୩୪ ଜଣ ବନ୍ୟାକ୍ଳିଷ୍ଟ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ୧୦୬ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ସମୁଦାୟ ୧,୦୫,୮୮୧ ଟି ପ୍ରାଣୀସମ୍ପଦ କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ୟା ପରିସ୍ଥିତିରେ ୫ଟି ସହରାଂଚଳ ମଧ କ୍ଷତିଗ୍ରସ୍ତ ହୋଇଛି । ବରଗଡ଼, ଯାଜପୁର, ବାଲେଶ୍ୱର, ନୂଆପଡ଼ା ତଥା ଭଦ୍ରକ ଜିଲ୍ଲାରେ ଜଣେ ଲେଖାଏଁ ସମୁଦାୟ ୫ ଜଣ ଲୋକ ପ୍ରାଣ ହରାଇଛନ୍ତି ।

### ରାଜ୍ୟରେ ଆଉ ୮ ...

ସେ ମଧୁମେହରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତ ଙ୍କର ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲୋ ଗଂଜାମ ଜିଲ୍ଲାର ହିଁ ଜଣେ ୪୫ ବର୍ଷୀୟ ପୁରଷଙ୍କର ମୃତ୍ୟୁ ଘଟିଛି ।ସେ ମଧୁମେହରେ ପୀଡିତ ଥିଲୋ ରାୟଗଡା ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।


### ପୁରୀ ବଗଲା ଧର୍ମଶାଳା...

ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆମେ ଲଢେଇ ଜାରି ରଖିବୁ ବୋଲି କହିବା ସହ ଆଗାମୀ ଦିନରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଘଟଣା ସଂପର୍କରେ ଅବଗତ କରାଇବେ ବୋଲି ଶ୍ରୀ ପାତ୍ର କହିଛନ୍ତି ।

### ଆସନ୍ତା ସେପ୍ଟେମ୍ବର...

ଆସନ୍ତା ସେପ୍ଟେମ୍ବର ୫ ତାରିଖ ଦିନ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବାର ନିଷ୍ପତି ଗ୍ରହଣ କରାଯାଇଛି । କୋଭିଡ-୧୯ କଟକଣା ଓ ନିୟମକୁ ପାଳନ କରାଯାଇ ଭର୍ଚୁଆଲ ମିଟିଂ ମାଧମରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡା ଯୋଗ ଦେବେ । ଦୁଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶ୍ରୀ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ସୌଦାନ ସିଂ, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ, ରାଷ୍ଟ୍ରୀୟ ସଂପାଦକ ଓ ସାଂସଦ ସୁରେଶ ପୁଜାରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେବେ । ଏହି ବୈଠକ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିବ ।

## ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ପରେ ଖେଳିଯାଇଛି ଆନନ୍ଦର ଲହରି



ଉଦଳା,୨୮।୮ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ଘୋଷିତ ହେବାର ଦିର୍ଘ ୪୮ ବର୍ଷ ବିତିଗଲାଣି । ଆଉ ୨ ବର୍ଷ ପରେ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ । କିନ୍ତୁ ସହର ମଧ୍ୟରେ ଦିର୍ଘ ବର୍ଷ ଧରି ଏପରି କିଛି ଲୋକ ବସବାସ କରୁଛନ୍ତି ଯେଉଁ ମାନଙ୍କର ମୁଣ୍ଡ ଗୁଞ୍ଜି ରହିବା ପାଇଁ ଜମି ନାହିଁ । ବାଧ ହୋଇ ଏହି ସବୁ ଲୋକେ ସରକାରୀ ଜମିକୁ ବର୍ଷ ବର୍ଷ ଧରି ଜବରଦଖଲ କରି ଦିନ କାଟୁଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହି ସବୁ ପରିବାରର ଦୁଃଖ କହିଲେ ନସରେ । ମୋଟା ଅଙ୍କରେ ଟଙ୍କା ଖର୍ଚ୍ଚକରି ଜମି କିଣିବା ଏମାନଙ୍କ ପକ୍ଷେ ସ୍ୱପ୍ନ । ଏତିକି ବେଳେ ବର୍ତ୍ତମାନ ସରକାର ମାଗଣାରେ ଯୋଗାଇ ଦେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏହିସବୁ ପରିବାରର ଲୋକେ ପାଇବାରୁ ବଞ୍ଚିତ ଅଛନ୍ତି । କାରଣ ଜମି ନଥିଲେ ଘର ମିଳିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ରହିଛି । କେବଳ ସରକାର ଯୋଗାଇ ଦେଉଥିବା ଟଙ୍କାକିଆ ଚାଉଳ ଓ ଭତ୍ତା ପାଇ ଏହିସବୁ ଲୋକମାନେ ଦୁଃଖ କଷ୍ଟରେ ଦିନ ବିତାଉଛନ୍ତି । ବିଭିନ୍ନ ସମୟରେ ପ୍ରଭାବଶାଳୀ ବ୍ୟକ୍ତି ମାନେ ଉକ୍ତ ପରିବାରର ବ୍ୟକ୍ତି ମାନଙ୍କୁ ଧମକ ଚମକ ଦେଉଥିବାର ଦୃଶ୍ୟ ମଧ ଦେଖିବାକୁ ମିଳୁଛି । ସବୁକିଛି ଦୁଃଖ କଷ୍ଟକୁ ସହିଯିବା ଛଡ଼ା ଅନ୍ୟ କିଛି ଉପାୟ ଏମାନଙ୍କ ପାଖେ ନାହିଁ । ଏବେ ପୁଣି କରୋନା ଯୋଗୁଁ ଏହି ସବୁ ପରିବାରର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏତିକି ବେଳେ କପ୍ତିପଦା ଉପଖଣ୍ଡ ପ୍ରଶାସନ ତରଫରୁ ଉଦଳା ସହର ମଧରେ ବସବାସ କରୁଥିବା କିଛି ଭୂମିହୀନ ପରିବାରକୁ ଚିହ୍ନଟିକରଣ କରିବା ସହିତ ଜମି ପଟ୍ଟା ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସମସ୍ତ ଭୂମି ହୀନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବାର ପ୍ରସ୍ତୁତି ପର୍ବ ଚାଲିଥିବାର ଜଣାଯାଇଛି । ତେବେ ଜମିପଟ୍ଟା ପାଇଥିବା ପରିବାରର ସଦସ୍ୟ ମାନଙ୍କର ଖୁସି କହିଲେ ନସରେ । ସେମାନେ କପ୍ତିପଦା ଉପଜିଲ୍ଲାପାଳ, ଉଦଳା ତହସିଲଦାର ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କର ଭୁରି ଭୁରି ପ୍ରଶଂସା କରୁଥିବାର ଶୁଣିବାକୁ ମିଳୁଛି । ଏହିସବୁ ପରିବାରର ଲୋକେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ତାଙ୍କର ଧନ୍ୟବାଦ ଜଣାଇଦେବା ସକାଶେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଅନୁରୋଧ ଜଣାଇଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟରକଥା କିଛି ଦୁଷ୍ଟ ପ୍ରକୃତିର ଲୋକ ଏମାନଙ୍କ ଖୁସିରେ ଖୁସି ନହୋଇ ସରକାରଙ୍କୁ ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ପୁର୍ବକ ପ୍ରଶାସନ କଳକୁ ଅସୁବିଧାରେ ପକାଇବା ପାଇଁ ଉଦ୍ୟମ କରୁଥିବା କଥା ସାଧାରଣରେ ଚର୍ଚ୍ଚା ହେଉଛି ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ବନ୍ୟା ଦୁର୍ଗତଙ୍କୁ ରିଲିଫ୍ ପ୍ରଦାନ

ବାଲେଶ୍ୱର,୨୮।୮ (ନି.ପ୍ର): ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବୁଢ଼ାବଳଙ୍ଗ ନଦୀର ବନ୍ୟାରେ ପ୍ରଭାବିତ ସଦର ଓ ବସ୍ତା ବ୍ଲକର ତଳିଆ ଅଞ୍ଚଳର ଲୋକଙ୍କୁ ଆଜି ସାହାଯ୍ୟ ସହଯୋଗ କରାଯାଇଛି। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ବନ୍ୟାପାଣି ଘେରରେ ଥିବା ଦୁଇବ୍ଲକର ତଳିଆ ଅଞ୍ଚଳ ଲୋକଙ୍କ ପାଖରେ ପହଞ୍ଚିଥିଲେ। ସେମାନେ ସମସ୍ତଙ୍କୁ ଶୁଖିଲା ଖାଦ୍ୟ, ଘର ଭାଙ୍ଗିଯାଇଥିବା ପରିବାରକୁ ପଲିଥିନ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ଟାଉନ୍ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା, ପୂର୍ବତନ ଜିଲ୍ଲା କଂଗ୍ରେସ ଉପ-ସଭାପତି ଗୋପୀନାଥ ପାଢ଼ୀ, କୃଷ୍ଣ ଗୋପାଳ ପଣ୍ଡା, ପୂର୍ବତନ ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ଗୌତମ ସାହୁ, କିରଣ ମୋହନ ନାୟକ, ଶଶାଙ୍କ ପାଢ଼ୀ, ଭବାନୀ ଶଙ୍କର ବେହେରା, ଋତୁରାଜ ନାୟକ, ଚନ୍ଦନ ମହାନ୍ତି, ସତ୍ୟଜିତ୍ ଜେନା ପ୍ରମୁଖ କମିଟିର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ। ଅନୁରୂପ ଭାବେ ଟାଉନ କଂଗ୍ରେସ ପକ୍ଷରୁ ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ନେତୃତ୍ୱରେ ବୁଢ଼ାବଳଙ୍ଗ ବନ୍ୟାଜଳ ପ୍ଲାବିତ ବାଲେଶ୍ୱର ସହରର ତଳସାହି ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ବର୍ଷା ଓ ବନ୍ୟା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ବଢ଼ିପାଣି ତଳସାହିରେ ପଶିଯିବା ଫଳରେ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏମିତିକି ବହୁ ଲୋକଙ୍କୁ ସ୍ଥାନାନ୍ତର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବି ପ୍ରଦାନ କରାଯାଉଛି। ତଳସାହିର ଲଗାଣ ବର୍ଷା ଓ ବନ୍ୟାରେ ପ୍ରଭାବିତ ତଳ ସାହିର ପ୍ରାୟ ୫ଶହରୁ ଅଧିକ ପରିବାରଙ୍କୁ କଂଗ୍ରେସ କର୍ମୀମାନେ ଏହି ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। କଂଗ୍ରେସର ଏହି କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

# ବିଜେପି ପକ୍ଷରୁ କୁରାଢ଼ିଆର ବନ୍ୟା ଦୁର୍ଗତଙ୍କୁ ସାହାଯ୍ୟ



ବାଲେଶ୍ୱର,୨୮।୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଓ ଉପରମୁଣ୍ଡ ପାଣି ଯୋଗୁଁ ବିପଦ ସଙ୍କେତ ଉପରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ଜଳ ପତନ ଏବେ ହ୍ରାସ ପାଇଥିଲେ ବି ଅଦ୍ୟାବଧି ସଦର ବ୍ଲକର ବହୁ ଅଞ୍ଚଳ ବଢ଼ିପାଣି ଘେରରୁ ମୁକୁଳି ପାରିନାହିଁ। ଜଳବନ୍ଦୀ ଭାବେ ରହିଥିବା ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକଙ୍କ ଦୁର୍ଦ୍ଦଶା ଏବେ ବୃଦ୍ଧି ପାଇବାରେ ଲାଗିଛି। ପାଣି ଛାଡ଼ିଆସୁଥିଲେ ବି ଲୋକେ ନିଜ ଘରେ ରୋଷେଇ କରି ଖାଇବା ଭଳି ସ୍ଥିତି ନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ହଜାର ହଜାର ଏକର ଚାଷଜମି ଏବେ ପାଣିରେ ବୁଡ଼ି ରହିଥିବା ବେଳେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ସଦର ବିଜେପିର ଏକ ଟିମ୍ ବନ୍ୟାଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦିବଂଗତ ସଦର ବିଧାୟକ ମଙ୍ଗୁଭାଇଙ୍କ ସୁପୁତ୍ର ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବହୁ କର୍ମୀ ସଦର ବ୍ଲକ କୁରାଢ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରିବା ଓ ସେମାନଙ୍କ ରହିବା ବ୍ୟବସ୍ଥା ନେଇ ଶ୍ରୀ ଦତ୍ତ ପ୍ରଶାସନ ସହ ଆଲୋଚନା ମଧ୍ୟ କରିଛନ୍ତି। ବନ୍ୟା ପୀଡ଼ିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ ବ୍ୟବସ୍ଥା କରିବା ସହ ହୋଇଥିବା କ୍ଷୟକ୍ଷତିର ଏକ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି। ଆଜିର ଏହି ବନ୍ୟାଞ୍ଚଳ ପରିଦର୍ଶନ ବେଳେ ଶ୍ରୀ ଦତ୍ତଙ୍କ ସହ ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ପର୍ଶୁରାମ ବେହେରା, ଅନନ୍ତ ନାୟକ, ବିକାଶ ପାଢ଼ୀ, ଲୋକନାଥ ଭୂୟାଁ, ରାଜେଶ ରଣା, ରାକେଶ ପାଢ଼ୀ, ଚନ୍ଦ୍ରକାନ୍ତ ମାଝୀ, ଭୀମକାନ୍ତ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୨୪ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୮।୮ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ଗତ ୧୨୪ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୪୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।


# ବନ୍ୟା ସ୍ଥିତିର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ

ଭଦ୍ରକ,୨୮।୮ (ନି.ପ୍ର): ବୈତରଣୀ ନଦୀରେ ସୃଷ୍ଟ ବନ୍ୟାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ। ବୈତରଣୀ ନଦୀରେ ବନ୍ୟା ଯୋଗୁ ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର ବ୍ଲକ ବିଶେଷ ପ୍ରଭାବିତ ହୋଇଥିବା ବେଳେ ଚାନ୍ଦବାଲି ଓ ତିହିଡି ବ୍ଲକର ମଧ କିଛି ଅଞ୍ଚଳ ପ୍ରଭାବିତ ହୋଇଛି। ତେବେ ବନ୍ୟା ଘେରରେ ରହିଥିବା ଲୋକଙ୍କୁ ଉଦ୍ଧାର ଉଦ୍ଧାର ପ୍ରତି ଗୁରୁତ୍ୱ ଦେବାକୁ ଆର୍‌ଡିସି ଶ୍ରୀଯୁକ୍ତ ସାମଲ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ବନ୍ୟାଞ୍ଚଳରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ତୁରନ୍ତ ପ୍ରଦାନ କରାଯିବା ସହିତ ଆବଶ୍ୟକ ପଡିଲେ ଉଦ୍ଧାରପ୍ରାପ୍ତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନଙ୍କ ଘର ବନ୍ୟାରେ ଭାଙ୍ଗିଛି ଏବଂ ଯେଉଁ ସବୁ ଜମିରେ ଫସଲ ନଷ୍ଟ ହୋଇଛି ତାହାର ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ ଭାବେ ଯୁଦ୍ଧକାଳୀନ ଭିତ୍ତିରେ ଧନଜୀବନ ଉଦ୍ଧାର କରିବାକୁ ମୁତୟନ ଏନ୍‌ଡିଆରଏଫ, ଓଡ୍ରାଫ୍ ଟିମ, ଅଗ୍ନିଶମ ବାହିନୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି। ଉଦ୍ଧାର ସମୟରେ ବୟସ୍କ, ଗର୍ଭବତୀ ମହିଳା, ଶିଶୁ, ରୋଗଗ୍ରସ୍ତଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀମାନେ ଦାୟିତ୍ୱରେ ଥିବା ଅଞ୍ଚଳରେ ରହି ଏହି କାର୍ଯ୍ୟର ସୁପରିଚାଳନା ଓ ତଦାରଖ କରିବାକୁ ଶ୍ରୀଯୁକ୍ତ ସାମଲ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଦୁର୍ଗତଙ୍କୁ ରିଲିଫ ଯୋଗାଣ ଉପରେ ମଧ ସେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ୟାମଭକ୍ତ ମିଶ୍ର, ପିଡି ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ସରକାର





## ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ

କରୋନା ମହାମାରୀ ସମୟରେ ଧନୀ ହେଉ କି ଗରିବ ସମସ୍ତଙ୍କ ପାଇଁ ବିନା ଖର୍ଚ୍ଚରେ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ରାଜ୍ୟ । କରୋନା ପୀଡିତଙ୍କ ପାଇଁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ପ୍ରଭୃତି ସୁବିଧା ରାଜ୍ୟ ସରକାର ନିଜ ତରଫରୁ ଯୋଗାଇ ଦେଉଛନ୍ତି । ସଂଖ୍ୟାଧିକ ଲୋକ ସୁସ୍ଥ ହେବା ସହିତ କିଭଳି ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେ ଦିଗରେ ନିଷ୍ଠାପର ଉଦ୍ୟମ ଜାରି ରହିଛି ।

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆପଣମାନେ କରୋନାର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଭୟଭୀତ ନ ହୋଇ ତୁରନ୍ତ ସ୍ୱେଚ୍ଛାକୃତ ଭାବେ ଟେଷ୍ଟିଂ ପାଇଁ ଆସନ୍ତୁ, ଏହାଦ୍ୱାରା ଆମେ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା ଏବଂ ଅଧିକ ଲୋକଙ୍କୁ ଗୁରୁତର ଅବସ୍ଥାରୁ ରକ୍ଷା କରିପାରିବା । ଏହି ଟେଷ୍ଟିଂ ସୁବିଧା ମାଗଣାରେ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଚିକିତ୍ସାଳୟରେ ଉପଲବ୍ଧ । ବିନା ଦ୍ୱିଧାରେ ଟେଷ୍ଟିଂ ଏବଂ ଚିକିତ୍ସା ପାଇଁ ଆଗେଇ ଆସନ୍ତୁ । ଆପଣମାନଙ୍କ ସେବାରେ ଆମର ହଜାର ହଜାର କୋଭିଡ ଯୋଦ୍ଧା ନିଷ୍ଠାପର ଭାବେ କାର୍ଯ୍ୟରତ । ଲକ୍ଷଣ ବିହୀନ ରୋଗୀ ଘରେ ରହି ମଧ୍ୟ ନିଜର ଚିକିତ୍ସା କରିପାରିବେ । ଆପଣମାନେ କରୋନା ପାଇଁ ଜାରି କରାଯାଇଥିବା ନିୟମାବଳୀକୁ କଡାକଡି ଭାବରେ ପାଳନ କରନ୍ତୁ । ନିୟମ ପାଳନ କରିବା ସହିତ ଆମକୁ ଆଉ କିଛି ଦିନ ସତର୍କତା ଅବଲମ୍ବନ କରିବା ପାଇଁ ପଡ଼ିବ, ତେବେ ଯାଇ ଆମେ ରାଜ୍ୟକୁ କରୋନାମୁକ୍ତ କରିବା ପାଇଁ ସମର୍ଥ ହୋଇପାରିବା ।

ଆଜି ୭୪ତମ ସ୍ୱାଧୀନତା ଦିବସ । ସ୍ୱାଧୀନତା ପ୍ରାପ୍ତି ପାଇଁ ଆମର ସଂଗ୍ରାମୀମାନେ ଅସୀମ ତ୍ୟାଗ ଓ ଧୈର୍ଯ୍ୟର ପରୀକ୍ଷା ଦେଇ ସଫଳ ହୋଇଥିଲେ । ଆମେ ଓଡ଼ିଶାବାସୀ ସମସ୍ତେ ସେହିପରି କରୋନାକୁ ହରାଇବା ନିମନ୍ତେ ଆସନ୍ତୁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା । କରୋନା ହାରିବ, ଆମେ ଜିତିବା ।

ବନ୍ଦେ ଉତ୍କଳ ଜନନୀ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-53 OIPR: 15001/13/0082/2021

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo